ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.30 Bhubaneswar Sunday March 05 2023 | ୨୬ତମ ବର୍ଷ ସଂଖ୍ୟା-୩୦ ଭୁବନେଶ୍ୱର ରବିବାର, ମାର୍ଚ୍ଚ ୦୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ବଢୁଛି ଥଣ୍ଡା, କାଶ, ଜ୍ୱର ଘଟଣା: କେନ୍ଦ୍ର ଜାରି କଲା ସତର୍କ ସୂଚନା



ଭୁବନେଶ୍ୱର,୪ ।୩(ପି.ଏନ):ଦେଶର ବିଭିନ୍ନ ପ୍ରାନ୍ତରେ ଏବେ ଲୋକମାନେ ଜ୍ୱର, କାଶ ଓ ଥଣ୍ଡା ଭଳି ଲକ୍ଷଣ ଥିବା ରୋଗରେ ପଡିବାରେ ଲାଗିଛନ୍ତି। ବିଗତ ଦୁଇ ମାସ ହେଲାଣି ସମସ୍ତଙ୍କୁ ଏହି ଲକ୍ଷଣ ସବୁ ଦେଖା ଯାଉଛି। ଦୀର୍ଘଦିନ ଧରି ଜ୍ୱର ଓ କାଶ ଲାଗି ରହୁଛି। ମହାମାରୀ କରୋନା ସହ ୨ ବର୍ଷ ଲ?ିଥିବା ଲୋକମାନେ ଏବେ ପୁଣି ଥଣ୍ଡା, କାଶ ଓ ଜ୍ୱରକୁ ଦେଖି ଆତଙ୍କିତ ହେବାରେ ଲାଗିଛନ୍ତି।ଏସବୁ ଭିତରେ ଆଜି କେନ୍ଦ୍ର ସରକାର ସତର୍କ ସୂଚନା ବା ଆଡଭାଇଜରୀ ଜାରି କରିଛନ୍ତି। ଆଇସିଏମଆର କହିଛି ଯେ ସମଗ୍ର ଦେଶରେ ଏବେ ଜ୍ୱର ଓ ଫ୍ଲୁ ମାମଲାର ବ?ିବାରେ ଲାଗିଛି। ଇନଫ୍ଲୁଏଞ୍ଜା ଏ ସବଟାଇପ ଏଚ୍୩ଏନ୨ ଭାଇରସ ଯୋଗୁ ଏପରି ଘଟଣା ସାମ୍ନାକୁ ଆସୁଛି।ଅନ୍ୟ ସବ ଟାଇପ ଅପେକ୍ଷା ଏଚ୍୩ଏନ୨ ଭାଇରସ ଯୋଗୁ ହସ୍ପିଟାଲରେ ଭର୍ତ୍ତି ହେବାର ଆଶଙ୍କା ରହିଛି। ବିଶେଷଜ୍ଞଙ୍କ ମତରେ ବିଗତ ୨ରୁ ୩ ମାସ ହେଲାଣି ଏଚ୍୩ଏନ୨ ଭାଇରସ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି।ଏଥିପାଇଁ ଲୋକମାନେ ଫ୍ଲୁ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ସେମାନଙ୍କ ଶରୀରରେ ଗୋଟିଏ ସପ୍ତାହରୁ ଅଧିକ ଦିନ ରହୁଛି। ଏହି ରୋଗର ଲକ୍ଷଣ ହେଲା, କାଶ, ଥଣ୍ଡା ଓ ଜ୍ୱର। କିଛି ଲୋକ ମଧ ଏଥିଯୋଗୁ ଅନ୍ୟ ରୋଗରେ ପଡୁଛନ୍ତି। ସିଦ୍ଧ ହସ୍ପିଟାଲର ଡାକ୍ତର ଅନୁରାମ ମେହରୋତ୍ରା କହିଛନ୍ତି, "ସଂକ୍ରମଣ ସମସ୍ୟା ଦୂର ହେବାକୁ କିଛି ସମୟ ଲାଗିଥାଏ। ଲକ୍ଷଣ ଅଧିକ ଶକ୍ତିଶାଳୀ ରହୁଛି। ଲକ୍ଷଣ ଲୋକଙ୍କ ଶରୀରରେ ଦୀର୍ଘ ସମୟ ଧରି ରହିବ। ଏପରି କି ସୁସ୍ଥ ହେବା ପରେ ମଧ ଲକ୍ଷଣ କିଛି ଦିନ ପାଇଁ ଯିବନାହିଁ।"କ୍ଲିନିକାଲ ଟ୍ରାଏଲ ସ୍ପ?ଶାଲିଷ୍ଟ ଡାକ୍ତର ଅନୀତା ରମେଶ କହିଛନ୍ତି, ଇନଫ୍ଲୁଏଞ୍ଜାର ନୂଆ ଷ୍ଟ୍ରେନ ଆଦୌ ଘାତକ ନୁହେଁ। ଏହା ଜୀବନ ପ୍ରତି କୌଣସି ବିପଦ ସୃଷ୍ଟି କରିବ ନାହିଁ। କିନ୍ତୁ କିଛି ରୋଗୀଙ୍କୁ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେଲେ ହସ୍ପିଟାଲରେ ଆଡମିଟ ହେବାକୁ ପଡିବ। କିଛି ଲକ୍ଷ କରୋନା ଭଳି ସମାନ। କିନ୍ତୁ ଏଯାଏ ଟେଷ୍ଟ କରିଥିବା ଲୋକମାନେ କରୋନା ନେଗେଟିଭ ରହିଛନ୍ତି। ତେଣୁ ବ୍ୟସ୍ତ ହେବାର କାରଣ ନାହିଁ ବୋଲି ସେ ଆଶ୍ୱସନା ଦେଇଛନ୍ତି।ସଂକ୍ରମଣ ବଢୁଥିବାରୁ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଆଇସିଏମଆର ଭାଇରସରୁ ନିଜରୁ ସୁରକ୍ଷା ପାଇଁ କ'ଣ କରିବା ଦରକାର ଓ କ'ଣ ନୁହେଁ, ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇଛି।

୧-ଲକ୍ଷଣ ଥିଲେ ହାତକୁ ଭଲ ଭାବେ ସାବୁନ ଓ ପାଣି ଦ୍ୱାରା ଭଲ ଭାବେ ଧୁଅନ୍ତୁ।
୨-ମାସ୍କ ପିନ୍ଧନ୍ତୁ ଓ ଗହଳୀ ସ୍ଥାନକୁ ଯାଆନ୍ତୁ ନାହିଁ।୩-କାଶ ଓ ଛିଙ୍କ ବେଳେ ମୁହଁକୁ ଘୋଡାଇ ରଖନ୍ତୁ।୪-ପ୍ରଚୁର ପରିମାଣ ପାଣି ଓ ଜୁସ ପିଅନ୍ତୁ। ଆଖି ଓ ନାକକୁ ବାରମ୍ବାର ଛୁଅନ୍ତୁ ନାହିଁ।
୫-ଜ୍ୱର ଓ ଘୋଳାବିନ୍ଧା ପାଇଁ ପାରାସିଟାମଲ ଖାଆନ୍ତୁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପ୍ରକାରର ଆଣ୍ଟିବାୟୋଟିକ ଖାଆନ୍ତୁ ନାହିଁ।
୬-ସର୍ବସାଧାରଣରେ ଛେପ ପକାନ୍ତୁ ନାହିଁ କିମ୍ବା କାହା ସହ ହାତ ମିଳାନ୍ତୁ ନାହିଁ।ଇଣ୍ଡିଆନ ମେଡିକାଲ ଆସୋସିଏସନ ମଧ ଆଣ୍ଟିବାୟୋଟିକ ବ୍ୟବହାର କରିବାକୁ ବାରଣ କରିଛି। ଏଥିସହ ଡାକ୍ତରମାନଙ୍କୁ କେବଳ ଲକ୍ଷଣ ଥିବା ଲୋକଙ୍କୁ ମେଡିସିନ ଖାଇବାକୁ ପରାମର୍ଶ ଦିଅନ୍ତୁ। ସେମାନଙ୍କୁ ମଧ ଆଣ୍ଟିବାୟୋଟିକ ଦିଅନ୍ତୁ ନାହିଁ।

# କଂଗ୍ରେସ ନେତା ପବନ ଖେଡାଙ୍କ ଜାମିନ ଅବଧି ପୁଣି ବୃଦ୍ଧି



ଭୁବନେଶ୍ୱର,୪ ।୩(ପି.ଏନ): ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇ?ଥିବା କଂଗ୍ରେସ ନେତା ପବନ ଖେଡାଙ୍କ ଜାମିନ ଅବଧିକୁ ସୁପ୍ରିମକୋର୍ଟ ପୁଣି ଥରେ ବୃଦ୍ଧି କରିଛନ୍ତି। ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ ତାଙ୍କ ଅନ୍ତରୀଣ ଜାମିନ ଅବଧିକୁ ବୃଦ୍ଧି କରାଯାଇଛି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦିୱାଲାଙ୍କ ଖଣ୍ଡପୀଠ ଶୁଣାଣି ପାଇଁ ମାର୍ଚ୍ଚ ୧୭କୁ ଧାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ମଧଗିରଫଦାରୀରୁ ବର୍ତ୍ତିବା ପାଇଁ କଂଗ୍ରେସ ନେତା ପବନ ଖେଡାଙ୍କୁ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ଅନ୍ତରୀଣ ଜାମିନ ଅବଧିକୁ ବୃଦ୍ଧି କରିଥିଲେ। ଗତ ଫେବୃଆରୀ ୨୩ ଦିନ କଂଗ୍ରେସ କହିଥିଲା ଯେ, କଂଗ୍ରେସ ଅଧିବେଶନରେ ଯୋଗ ଦେବାକୁ ରାୟପୁର ଯାଉଥିବା ବେଳେ ବରିଷ୍ଠ ନେତା ପବନ ଖେଡାଙ୍କୁ ଜବରଦସ୍ତି ବିମାନରୁ ଓହ୍ଲାଇ ଦିଆଯାଇଥିଲା। କଂଗ୍ରେସ ଆହୁରି ମଧ କହିଥିଲା ଯେ, ଖେଡାଙ୍କୁ ଆସାମ ପୁଲିସ ଗିରଫ କରିଛି।ଖେଡାଙ୍କୁ ଗିରଫ କରାଯିବା ପରେ ସୁପ୍ରିମ୍ କୋର୍ଟରେ ତାଙ୍କ ଗିରଫଦାରି ମାମଲାର ତୁରନ୍ତ ଶୁଣାଣି କରାଯାଇଥିଲା। ବରିଷ୍ଠ ଆଡ୍‌ଭୋକେଟ୍ ଅଭିଷେକ ମନୁ ସାଙ୍ଘ୍ୱି ସୁପ୍ରିମ୍ କୋର୍ଟଙ୍କ ଖଣ୍ଡପୀଠଙ୍କୁ କହିଥିଲେ ଯେ, ଦେଇଥିବା ବିବୃତି ଲାଗି ଖେଡା ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବେ।

# ଅଷ୍ଟ୍ରେଲିଆରେ ପୁଣି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ

ଅଷ୍ଟ୍ରେଲିଆ,୪ ।୩(ପି.ଏନ): ଗତ କିଛି ଦିନ ହେବ ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିର ଉପରେ ବାରମ୍ବାର ଆକ୍ରମଣ କରାଯାଉଥିବା ଅଭିଯୋଗ ହୋଇଛି। ଶନିବାର ଅଷ୍ଟ୍ରେଲିଆର ବ୍ରିସବେନରେ ଏଭଳି ମାମଲା ସାମ୍ନାକୁ ଆସିଛି। ବ୍ରିସବେନସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଖଲିସ୍ତାନୀ ସମର୍ଥକମାନେ ଭଙ୍ଗାରୁଜା କରିଛନ୍ତି। ଖଲିସ୍ତାନୀ ସମର୍ଥକମାନେ ବ୍ରିସବେନସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭଙ୍ଗାରୁଜା କରିଛନ୍ତି। ଦୁଇ ମାସ ମଧରେ ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିରକୁ ବିଦ୍ରୁପ କରାଯିବାରେ ଏହା ହେଉଛି ଚତୁର୍ଥ ଘଟଣା। ଆଜି ସକାଳେ ଲୋକେ ପୂଜାର୍ଚ୍ଚନା କରିବା ଲାଗି ମନ୍ଦିରକୁ ଆସିଥିବା ବେଳେ ମନ୍ଦିରରେ ଭଙ୍ଗାରୁଜା ଦେଖିବାକୁ ମିଳିଥିଲା। ପୂର୍ବରୁ ବ୍ରିଜ୍‌ବେନ୍‌ସ୍ଥିତ ଗାୟତ୍ରୀ ମନ୍ଦିରକୁ ମଧ ପାକିସ୍ତାନର ଲାହୋର୍‌ରେ ଥିବା ଖଲିସ୍ତାନୀ ଆତଙ୍କବାଦୀମାନେ ଫୋନ୍ କରି ଧମକ ଦେଇଥିଲେ। ହିନ୍ଦୁ ମାନବ ଅଧିକାରର ନିର୍ଦ୍ଦେଶକ ସାରା ଏଲ୍ ଗେଟ୍‌ସ୍ କହିଛନ୍ତି ଯେ, ଅଷ୍ଟ୍ରେଲୀୟ ହିନ୍ଦୁମାନଙ୍କୁ ଭୟଭୀତ କରିବା ଲାଗି ଶିଖ୍ ଫର୍ ଜଷ୍ଟିସ୍‌ର ଏହା ହେଉଛି ଏକ ତିକ୍ତତା ସୃଷ୍ଟିକାରୀ ଯୋଜନା।ପୂର୍ବରୁ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣକୁ ସମାଲୋଚନା କରି ଭାରତୀୟ ହାଇ କମିଶନ ଏକ ବିବୃତ୍ତି ଜାରି କରିଥିଲେ। ସେ ଅଷ୍ଟ୍ରେଲିଆରେ ଖାଲିସ୍ତାନ ସମର୍ଥକଙ୍କ କାର୍ଯ୍ୟକଳାପକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ହାଇ କମିଶନ କହିଛନ୍ତି ଯେ 'ମେଲବର୍ଣ୍ଣର ତିନୋଟି ହିନ୍ଦୁ ମନ୍ଦିରର ଭଙ୍ଗାରୁଜାକୁ ଆମେ ଦୃଢ ନିନ୍ଦା କରୁଛୁ। ଶାନ୍ତିପୂର୍ଣ୍ଣ ତଥା ବହୁ ଧର୍ମୀୟ ଭାରତୀୟ ଅଷ୍ଟ୍ରେଲିୟା ସମାଜରେ ଘୃଣା ଏବଂ ବିଭାଜନ ବୁଣିବାର ଏହା ଏକ ପ୍ରୟାସ।

## ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲା ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନ ଗିରଫ

ଭବାନୀପାଟଣା, ୪ ।୩(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ଭବାନୀପାଟଣା କେବିକେ ଏମଆଇ ସର୍କଲ ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନଙ୍କୁ ଗିରଫ କରିଛି ଭିଜିଲାନ୍ସ। ଚଢ଼ଉ ବେଳେ କନ୍ଦର୍ପଙ୍କ ଆୟ ଠାରୁ ୭୫ ପ୍ରତିଶତ ଅଧିକ ସମ୍ପତି ଠାବ ହୋଇଥିଲା। ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କଳାହାଣ୍ଡି ସ୍ଥିତ ତାଙ୍କ ଅଫିସ ଓ କ୍ୱାର୍ଟର୍ସ, ଭୁବନେଶ୍ୱରର ତିନୋଟି ସ୍ଥାନ, ଅନୁଗୁଳର ତିନୋଟି ସ୍ଥାନ ଏହିପରି ମୋଟ୍ ୮ଟି ସ୍ଥାନରେ ଗତକାଲି ଠାରୁ ଏକକାଳୀନ ଚଢ଼ଉ ଜାରି ରଖିଥିଲା ଭିଜିଲାନ୍ସ ଟିମ୍। ଚଢ଼ଉ ବେଳେ ତାଙ୍କର ୨ଟି କାର୍ ଓ ୧୫ଟି ବ୍ୟାଙ୍କ ଆକାଉଂଟ ମଧ ଠାବ କରିଥିଲା ଭିଜିଲାନ୍ସ।

## ପ୍ରହ୍ଲାଦ ନଗର ଅଂଚଳରେ ୨୦ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍

ଗଞ୍ଜାମ, ୪ ।୩(ପି.ଏନ); ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅନ୍ତର୍ଗତ ପ୍ରହଲ୍ଲାଦ ନଗର ଅଂଚଳରେ ଆଜକୁ ୨୦ ଦିନ ହେଲା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଠପ୍ ହୋଇଯାଇଛି। ଫଳରେ ସମ୍ପୃକ୍ତ ଅଂଚଳର ଜନସାଧାରଣ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି।

# ୮ ଦିନ ହେବ ତାଲା ପଡିଛି କପିଳେଶ୍ୱର୍ ମନ୍ଦିର



ଭୁବନେଶ୍ୱର,୪ ।୩(ପି.ଏନ): ଭୁବନେଶ୍ୱର କପିଳେଶ୍ୱର୍ ମନ୍ଦିରରେ ୮ ଦିନ ହେବ ତାଲା ପଡିଛି। ଦୀର୍ଘ ଏକ ସପ୍ତାହରୁ ଅଧିକ ଦିନ ଧରି ମନ୍ଦିର ଫାଟକରେ ଚାବି ପଡ଼ିଥିବାରୁ କପିଳ ନାଥ ଭୋକ ଉପବାସ ରେ ଅଛନ୍ତି। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରି ପାରୁ ନାହାନ୍ତି କି ଭୋଗ ଲଗାଇ ପାରୁ ନାହାନ୍ତି। ମଲ୍ଲିଆ ଓ ଖୁଣ୍ଟିଆ ସେବାୟତଙ୍କ ମଧରେ ବିବାଦ ପାଇଁ ବନ୍ଦ ପଡିଛି ମନ୍ଦିର।ଜଣେ ସେବାୟତ କହିଛନ୍ତି, ଏହି ଘଟଣା ପାଇଁ ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଶାସନ ଦାୟୀ। ପ୍ରଶାସନ ବିବାଦର ସମାଧାନ କରି କପିଳେଶ୍ୱର୍ ମନ୍ଦିର ଖୋଲିବା ପାଇଁ ଆମେ ଦାବି କରୁଛୁ। କପିଳେଶ୍ୱର୍ ଜୀବନ୍ତ ଠାକୁର। ୮ ଦିନ ହେବ ଆମ ଠାକୁର ଭୋକ ଉପାସରେ ରହିଛନ୍ତି। ସେଥିପାଇଁ ଆମେ ଦାବି କରୁଛୁ ଏହି ଘଟଣା ବିଧାସଭାରେ ଆଲୋଚନା ହେଉ, ମନ୍ଦିର ଶୀଘ୍ର ଖୋଲାଯାଉ।

# ୫ଟି ସ୍କୁଲ ଛାତ ଫଟାଇଲା ମୁଣ୍ଡ, କିରାଣୀ ଗୁରୁତର

ଭୁବନେଶ୍ୱର,୪ ।୩(ପି.ଏନ): ୫ଟି ସ୍କୁଲ ଛାତରୁ ପ୍ଲାଷ୍ଟର ଖସି କିରାଣୀ ଗୁରୁତର। ଏପରି ଘଟଣା ଆଜି ପୁରୀ ଜିଲ୍ଲା ସତ୍ୟବାଦୀ ବନ ବିଦ୍ୟାଳୟରେ ଘଟିଥିବା ବେଳେ ଗୁରୁତର କିରାଣୀ ହେଉଛନ୍ତି ସୁମନ୍ତ କୁମାର ଷଡ଼ଙ୍ଗୀ । ଆଜି ଶନିବାର ସକାଳୁଆ ସ୍କୁଲ ଥିବାରୁ ସ୍କୁଲ ପରିସରର ଚଳଚଞ୍ଚଳ ଥିଲା। ମାତ୍ର ସକାଳ ପ୍ରାୟ ୧୦ଟା ପରେ ସୁମନ୍ତ କୁମାର ଷଡ଼ଙ୍ଗୀ ଅଫିସ ଗୃହରେ ନିଜ କାମରେ ବ୍ୟସ୍ତ ଥିବା ବେଳେ ହଠାତ୍ ? ଛାତର ଏକ ପ୍ଲାଷ୍ଟର ଖଣ୍ଡ ଖସି ତାଙ୍କ ମୁଣ୍ଡରେ ପଡିଥିଲା। ଉକ୍ତ ସମୟରେ ଅଫିସ୍ ରୁମ୍‌ରେ ଆଉ କେହି ନ ଥିବା ଜଣାଯାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବିଲ୍ ଗେଟ୍ସ

ନୂଆଦିଲ୍ଲୀ, ୪ ।୩(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ନୂଆଦିଲ୍ଲୀ ଠାରେ ଶ୍ରୀ ବିଲ୍ ଗେଟ୍ସଙ୍କୁ ଭେଟିଛନ୍ତି ।ଶ୍ରୀ ଗେଟ୍ସଙ୍କ ଏକ ଟୁଇଟର ଜବାବରେ ଯେଉଁଠାରେ ସେ ଭାରତ ଗସ୍ତରେ ନିଜର 'ଟିପ୍ପଣୀ" ସେୟାର କରିଛନ୍ତି, ତାହାର ଜବାବରେ ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି: "ବିଲ୍ ଗେଟ୍ସଙ୍କୁ ଭେଟି ଆନନ୍ଦିତ ଏବଂ ପ୍ରମୁଖ ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହୋଇଛି । ଏକ ଉନ୍ନତ ତଥା ଅଧିକ ସ୍ଥାୟୀ ବିଶ୍ୱ ସୃଷ୍ଟି କରିବାକୁ ତାଙ୍କର ନମ୍ରତା ଏବଂ ଉତ୍ସାହ ସ୍ପଷ୍ଟ ଦେଖାଯାଉଛି ।" ଶ୍ରୀ ଗେଟ୍ସ ତାଙ୍କ 'ଟିପ୍ପଣୀ" ରେ କହିଛନ୍ତି ଯେ ମୁଁ ଏହି ସପ୍ତାହରେ ଭାରତ ଥିଲି, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଠାରେ ଚାଲିଥିବା ଅଭିନବ କାର୍ଯ୍ୟ ବିଷୟରେ ଜାଣିଲି । ଯେତେବେଳେ ବିଶ୍ୱର ଅନେକ ଆହ୍ୱାନ ଥାଏ, ସେତେବେଳେ ଭାରତ ପରି ଏକ ଗତିଶୀଳ ଏବଂ ସୃଜନଶୀଳ ସ୍ଥାନ ପରିଦର୍ଶନ କରିବା ପ୍ରେରଣାଦାୟକ ଅଟେ ।ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କର ସାକ୍ଷାତକୁ ଆକର୍ଷଣୀୟ ବୋଲି ଦର୍ଶାଇ ଶ୍ରୀ ଗେଟ୍ସ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମୁଁ ଯୋଗାଯୋଗରେ ରହିଛୁ, ବିଶେଷ କରି କୋଭିଡ-୧୯ ଟିକା ବିକଶିତ କରିବା ଏବଂ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିନିଯୋଗ କରିବା ବିଷୟରେ । ଭାରତର ଅନେକ ସୁରକ୍ଷିତ, ପ୍ରଭାବଶାଳୀ ଏବଂ ସୁଲଭ ଟିକା ତିଆରି କରିବାର ଏକ ଅଦ୍ଭୁତ ସାମର୍ଥ୍ୟ ଅଛି, ସେମାନଙ୍କ ମଧ୍ୟରୁ କେତେକ ଗେଟ୍ସ ଫାଉଣ୍ଡେସନ୍ ଦ୍ୱାରା ସହାୟତା ପାଉଛନ୍ତି । ଭାରତରେ ଉତ୍ପାଦିତ ଟୀକା ମହାମାରୀ ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିଛି ଏବଂ ସାରା ବିଶ୍ୱରେ ଅନ୍ୟାନ୍ୟ ରୋଗକୁ ରୋକି ଦେଇଛି ।ସେ ମହାମାରୀ ସମୟରେ ଭାରତର ନିୟନ୍ତ୍ରଣ ଉପରେ ଆଲୋକପାତ କରି କହିଛନ୍ତି ଯେ ନୂତନ ଜୀବନ ରକ୍ଷାକାରୀ ଉପକରଣ ଉତ୍ପାଦନ କରିବା ବ୍ୟତୀତ ଭାରତ ମଧ ସେଗୁଡିକୁ ବିତରଣ କରିବାରେ ସମର୍ଥ ଅଟେ - ଏହାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ୨.୨ ବିଲିୟନରୁ ଅଧିକ କୋଭିଡ ଟିକା ପ୍ରଦାନ କରାଯାଇଛି । ସେମାନେ କୋ-ୱିନ୍ ନାମକ ଏକ ମୁକ୍ତ ଉତ୍ସ ପ୍ଲାଟଫର୍ମ ସୃଷ୍ଟି କରିଥିଲେ, ଯାହା ଲୋକଙ୍କୁ ଠିକଣା ସମୟରେ କୋଟି କୋଟି ଟିକା ଦେବାକୁ ସମୟ ନିର୍ଘଂଟ କରିଥିଲା ଏବଂ ଟିକା ଦିଆଯାଇଥିବା ବ୍ୟକ୍ତିଙ୍କୁ ଡିଜିଟାଲ୍ ପ୍ରମାଣପତ୍ର ପ୍ରଦାନ କରିଥିଲା । ଭାରତର ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମକୁ ସମର୍ଥନ କରିବା ପାଇଁ ଏହି ପ୍ଲାଟଫର୍ମ ବର୍ତ୍ତମାନ ସମ୍ପ୍ରସାରିତ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱାସ କରନ୍ତି ଯେ କୋ-ୱିନ ବିଶ୍ୱ ପାଇଁ ଏକ ମଡେଲ, ଏବଂ ଏଥିରେ ମୁଁ ଏକମତ ।ଡିଜିଟାଲ୍ ପେମେଂଟରେ ଭାରତର ଏହି ପଦକ୍ଷେପକୁ ବିଲ୍ ଗେଟ୍ସ ପ୍ରଶଂସା କରି କହିଛନ୍ତି ଯେ ମହାମାରୀ ସମୟରେ ଭାରତ ୨୦୦ ନିୟୁତ ମହିଳାଙ୍କ ସମେତ ୩୦୦ ନିୟୁତ ଲୋକଙ୍କୁ ଜରୁରୀକାଳୀନ ଡିଜିଟାଲ୍ ପେମେଂଟ ପ୍ରଦାନ କରିବାରେ ସକ୍ଷମ ହୋଇଥିଲା । ଏହା କେବଳ ସମ୍ଭବ କାରଣ ଭାରତ ଆର୍ଥିକ ଅନ୍ତର୍ଭୁକ୍ତିକୁ ଅଗ୍ରାଧିକାର ଦେଇଛି, ଏକ ଡିଜିଟାଲ୍ ଆଇଡି ସିଷ୍ଟମରେ ବିନିଯୋଗ (ଆଧାର କୁହାଯାଏ) ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ପାଇଁ ଅଭିନବ ପ୍ଲାଟଫର୍ମ ସୃଷ୍ଟି କରିଛି । ଏହା ଏକ ସ୍ମାରକପତ୍ର ଯେ ଆର୍ଥିକ ଅର୍ନ୍ତଭୁକ୍ତି ଏକ ଚମତ୍କାର ବିନିଯୋଗ ଅଟେ ।ଶ୍ରୀ ଗେଟ୍ସ 'ଟିପ୍ପଣୀ" ରେ ମଧ ଭାରତର ସଫଳତା ବିଷୟରେ କହିଛନ୍ତି ଯେପରିକି ପିଏମ ଗତିଶକ୍ତି ମାଷ୍ଟରପ୍ଲାନ, ଜି -୨୦ ଅଧ୍ୟକ୍ଷତା, ଶିକ୍ଷା, ନବସୃଜନ, ରୋଗ ସହ ଲଢିବା ଏବଂ ମିଲେଟସକୁ ଆଗକୁ ନେବା ଇତ୍ୟାଦି । ଶ୍ରୀ ଗେଟ୍ସ ବକ୍ତବ୍ୟ ଶେଷ କରି କହିଛନ୍ତି "ସ୍ୱାସ୍ଥ୍ୟ, ବିକାଶ ଏବଂ ଜଳବାୟୁରେ ଭାରତର ଅଗ୍ରଗତି ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହ ମୋର ଆଲୋଚନା ମୋତେ ଅଧିକ ଆଶାବାଦୀ କରିଛି । ଯେତେବେଳେ ଆମେ ନବସୃଜନରେ ବିନିଯୋଗ କରୁଛୁ ସେତେବେଳେ ଦେଶ କ'ଣ ସମ୍ଭବ ଭାରତ ତାହା ଦର୍ଶାଉଛି । ମୁଁ ଆଶା କରୁଛି ଭାରତ ଏହି ପ୍ରଗତି ଜାରି ରଖିବ ଏବଂ ବିଶ୍ୱ ସହିତ ଏହାର ନବସୃଜନକୁ ସେୟାର କରିବ ।"

# ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ପଶ୍ଚିମ ଓଡିଶା ଗସ୍ତ

ଭୁବନେଶ୍ୱର,୪ ।୩(ପି.ଏନ): ଗତ ୨୦୧୬ ମସିହାରେ ବରଗଡ ଜିଲ୍ଲା ସୋହେଲାଠାରେ ଚାଷୀ ସମାବେଶକୁ ବଡ ବଡ ପ୍ରତିସୃତି ଦେଇ ଆଜି ପର୍ଯ୍ୟନ୍ତ ପୂରଣ କରିବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ବାବୁ ଆସନ୍ତା କାଲି ପୁଣି ପଶ୍ଚିମ ଓଡିଶା ଗସ୍ତ କରୁଛନ୍ତି । ଏହି ଗସ୍ତ ଅବସରରେ ବରଗଡ, ନୂଆପଡା ଓ କଳାହାଣ୍ଡିବାସୀ ପୁଣି ଏକ ମିଥ୍ୟା ପ୍ରତିଶ୍ରୁତିର ବାର୍ତା। ମୁଖ୍ୟମନ୍ତ୍ରୀଙ୍କଠାରୁ ଶୁଣିବାକୁ ପାଇବେ। ଦୀର୍ଘ ୭ ବର୍ଷର ଅପେକ୍ଷା କରି ନିରାଶ ହୋଇଥିବା ପଶ୍ଚିମ ଓଡିଶାର ଚାଷୀକୁଳ କେବେହେଲେ କ୍ଷମା କରିବେ ନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ବେଶୀ ଓ କାମ ଶୁନ୍। ୨୦୧୬ ମସିହା ସୋହେଲା ସମାବେଶରେ ଧାନ କ୍ୱିଂଟାଲ ପ୍ରତି ଶହେ ଟଙ୍କା ଚାଷୀଙ୍କୁ ବୋନସ୍ ଦେବା କଥା ଓ ଆସନ୍ତା ୭ବର୍ଷ ଭିତରେ ପଶ୍ଚିମ ଓଡିଶାର ବିକାଶ ପାଇଁ ପର୍ଯ୍ୟାୟ କ୍ରମେ ୩୫ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଓଡିଶାର ଚାଷୀଙ୍କୁ ଓ ପଶ୍ଚିମ ଓଡିଶାବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଇଥିଲେ। ବରଗଡ ଗସ୍ତ କରି ଆଉ ଅଧିକ ମିଥ୍ୟା ପ୍ରତିଶ୍ରୁତି ଦେବା ପୂର୍ବରୁ ପ୍ରଥମେ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ କେତେ ବୋନସ ଦେଲେ ଓ ୩୫ହଜାର କୋଟି ଟଙ୍କା ପଶ୍ଚିମ ଓଡିଶାର କେଉଁଠି ଖର୍ଚ୍ଚ କଲେ ତାର ହିସାବ ଦିଅନ୍ତୁ ବୋଲି ଶ୍ରୀ ପୁରୋହିତ ଦାବୀ କରିଛନ୍ତି। ବିଜୁ ଏକ୍ସପ୍ରେସ ୱେ ରାସ୍ତାର ଯେତେ ପୋଲ ନିର୍ମାଣ ହୋଇଛି ସବୁ ଟଙ୍କା କେନ୍ଦ୍ର ସରକାର ଠୁଁ ଆସିଛି ଓ ଜାତୀୟ ରାଜପଥରେ ସମ୍ପୂର୍ଣ୍ଣ ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି । ତେଣୁ ବିଜୁ ଏକ୍ସପ୍ରେସ ୱେ ଉଦ୍‌ଘାଟନ ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ

# ରାଜ୍ୟର ବିକାଶରେ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଭୂମିକା ରହିଛି :ମନ୍ତ୍ରୀ

ଭୁବନେଶ୍ୱର,୪ ।୩(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚଳିତ ବର୍ଷ ଯେଉଁ ବଜେଟ୍ ପ୍ରସ୍ତୁତ ହୋଇଛି, ସେଥିରେ ଇଲେକ୍‌ଟ୍ରୋନିକ୍‌ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରାଥମିକତା ଦିଆଯାଇଛି । ରାଜ୍ୟର ବିକାଶରେ ଏହି ବିଭାଗର ଏକ ପ୍ରମୁଖ ଭୂମିକା ରହିଅଛି । ଓଡ଼ିଶା ଭବିଷ୍ୟତରେ ଏକ ଜ୍ଞାନ ଆଧାରିତ ଅର୍ଥନୀତି ରାଜ୍ୟରେ ପରିଗଣିତ ହେବ ବୋଲି ବିଶ୍ୱାସ ରହିଛି । ରାଜ୍ୟ ସରକାର ଇଲେକ୍‌ଟ୍ରୋନିକ୍‌ସ ନୀତି, ପ୍ରଯୁକ୍ତିବିଦ୍ୟା ନୀତି, ବିପିଓ ନୀତି ଏବଂ ଡାଟା ସେଂଟର ନୀତି ଆଦି ଚାରିଗୋଟି ନୂତନ ନୀତିକୁ ଅନୁମୋଦନ କରିଛନ୍ତି । ଏହି ନୀତିଗୁଡ଼ିକ ଦେଶର ସର୍ବୋତମ ଏବଂ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିପାରିବ । ୨୦୨୩-୨୪ ବଜେଟ୍ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନରେ 1 ଇଲେକ୍‌ଟ୍ରୋନିକ୍‌ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ବେହେରା ସୂଚନା ପ୍ରଦାନ କରି କହିଲେ ଯେ, ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ ସମୟରେ ସ୍ୱାକ୍ଷରିତ ପୁଞ୍ଜି ବିନିଯୋଗ ଉଦ୍ଦେଶ୍ୟ ହାସଲ କରିବାରେ ସରକାର ସକ୍ଷମ ହୋଇଛନ୍ତି । ଇଲେକ୍‌ଟ୍ରୋନିକ୍‌ସ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକୁ ରାଜ୍ୟକୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି । ଆଇବିଏମ୍, ଡେଲୋଏଟ୍, ହାପିଷ୍ଟ ମାଇଣ୍ଡସ୍, ପିଡବ୍ଲୁଡି, ଇନ୍‌କ୍ୟୁଟର, ଇନୋଭେୟାରଟେକ୍, ଓପେକ୍ସ ଆମେରିକା, ଯୋଭାଂଟ ଏବଂ ଅନ୍ୟାନ୍ୟ ଆଇଟି କମ୍ପାନୀ ଓଡ଼ିଶାରେ ସେମାନଙ୍କ କେନ୍ଦ୍ର ଖୋଲି ସାରିଛନ୍ତି ଏବଂ ଆହୁରି ଅନେକ କମ୍ପାନୀ ଓଡ଼ିଶାରେ ସେମାନଙ୍କ କେନ୍ଦ୍ର ପ୍ରତିଷ୍ଠା ପାଇଁ ଇଚ୍ଛୁକତା ପ୍ରକାଶ କରିଛନ୍ତି । ରାଜ୍ୟ ମାଲିକାନାରେ ଥିବା ଆଇଟି ଟାୱାରରେ କାର୍ଯ୍ୟ କରୁଥିବା ଆଇଟି କମ୍ପାନୀଗୁଡ଼ିକ ପାଇଁ ଲିଜ୍ ଭଡ଼ା ବର୍ଗଫୁଟ ପିଛା ୨୦ ଟଙ୍କାକୁ ହ୍ରାସ କରିବାକୁ ସରକାର ନିଷ୍ପତି ନେଇଛନ୍ତି ଯାହା ଓଡ଼ିଶାକୁ ଏକ ଆଇଟି ଗନ୍ତବ୍ୟ ସ୍ଥଳରେ ପରିଣତ କରିଛି । ଆନ୍ତର୍ଜାତିକ ଆଇଟି କମ୍ପାନୀର ସହଭାଗିତାରେ ଓଡ଼ିଶାର ପ୍ରତ୍ୟେକ ଯୋଗ୍ୟ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷିତ କରିବା ସହିତ କୃତ୍ରିମ ବୁଦ୍ଧିମତାର ଏକ ସହରୀ କ୍ଷେତ୍ର ପ୍ରସ୍ତୁତ କରାଯିବ । ପ୍ରଥମ ପର୍ଯ୍ୟାୟରେ ଏହା ପୁରୀ, ଭୁବନେଶ୍ୱର ଓ କଟକ ଅଂଚଳରେ ପ୍ରବର୍ତନ କରାଯିବ । ଆମ ରାଜ୍ୟର ସମସ୍ତ ଅଧିକାରୀଙ୍କୁ ମଧ ତାଲିମ୍ ପ୍ରଦାନ କରାଯିବ । ରାଜ୍ୟର ୧୩୩ଟି ବ୍ଲକ୍‌ରେ ମୌଳିକ ଭିତିଭୂମି ମାଧ୍ୟମରେ ଇଂଟରନେଟ୍ ଲିଜ୍ ଲାଇନ୍‌ର ଉପଲବ୍ଧତା ପାଇଁ ରାଜ୍ୟ ସରକାର ୨୬.୬ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଯାହାଦ୍ୱାରା ଗ୍ରାମାଂଚଳ ନାଗରିକମାନଙ୍କର ଡିଜିଟାଲ ଦୁନିଆରେ ପ୍ରବେଶ ସହଜଲଭ୍ୟ ହୋଇପାରିବ । ଗ୍ରାମପଂଚାୟତ ସ୍ତରରେ ଥିବା ସରକାରୀ ଅନୁଷ୍ଠାନଗୁଡ଼ିକରେ ଭିଡିଓ କନ୍‌ଫରେନସିଂ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସମସ୍ତ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପାଇଁ ୧ ଜିବିପିଏସ୍ ଉଚ୍ଚ-ବ୍ୟାଣ୍ଡୱିଡଥ୍ ଯୋଗାଇ ଦିଆଯିବ ଯାହାଦ୍ୱାରା ଗ୍ରାମ ପଂଚାୟତ ନିକଟସ୍ଥ ସରକାରୀ ସଂସ୍ଥା ଯଥା- ସ୍କୁଲ, ଡାକ୍ତରଖାନାଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ସହଜରେ ବିତରଣ କରାଯାଇପାରିବ । ବ୍ରଡବ୍ୟାଣ୍ଡ ସଂଯୋଗ ଫଳରେ ଗ୍ରାମାଂଚଳ ଏବଂ ସହର ମଧରେ ପାର୍ଥକ୍ୟକୁ ଯଥେଷ୍ଟ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରମୁଖ ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ପାୱାର ପଏଂଟ ପ୍ରେଜେଂଟେସନ୍ ଜରିଆରେ ବଜେଟ୍ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ଯାଇ କହିଲେ ଚଳିତ ବର୍ଷ ବଜେଟ୍‌ରେ ଇଲେକ୍‌ଟ୍ରୋନିକ୍ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପାଇଁ ୩୬୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି । ମେକ୍-ଇନ୍-ଓଡ଼ିଶାର ସଫଳତା ପରେ ବହୁ ବଡ଼ ବଡ଼ ଆଇଟି କମ୍ପାନୀ ଓଡ଼ିଶାକୁ ଆସିବାକୁ ଇଚ୍ଛା କରୁଛନ୍ତି । ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଜାଗା ଓ ଗୃହ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି, ଯାହାଦ୍ୱାରା ଓଡ଼ିଶାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସରକାରୀ ସେବାଗୁଡ଼ିକ ଜନସାଧାରଣଙ୍କ ମଧ୍ୟରେ ବିତରଣକୁ ସୁନିଶ୍ଚିତ କରିବା ପାଇଁ 'ମୋ ସେବାକେନ୍ଦ୍ର' ପ୍ରତିଷ୍ଠା କରାଯାଇଛି ଏବଂ ପଂଚାୟତ ସ୍ତରରେ ମୋ ସେବାକେନ୍ଦ୍ର କାର୍ଯ୍ୟ କରିବାକୁ ପଦକ୍ଷେପ ନିଆଯାଉଛି । ଏଥିସହିତ ସାଇବର ଆଟାକ୍‌ରୁ ସରକାରୀ ତଥ୍ୟଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି । ବର୍ତମାନ ନାଗରିକମାନଙ୍କୁ ଓଡ଼ିଶା ୱାନ ପୋର୍ଟାଲ ଜରିଆରେ ଯୋଗାଇ ଦିଆଯାଉଥିବା ୫୫୦ଟି ସେବାକୁ ୬୫୦କୁ ଉନ୍ନୀତ କରିବାକୁ ଚେଷ୍ଟା ଜାରି ରହିଛି । ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି 'ଓସ୍ୱାସ', ପରି ଏକ ଏଂଟରପ୍ରାଇଜ୍ ପ୍ଲାଟଫର୍ମ ଅଛି ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗକୁ ଓ୍ୱସ୍ୱାସରେ ସଂଯୋଗ କରାଯିବା ସହିତ ଇ-ଡେସ୍‌ପାଚ୍ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଓ୍ୱସ୍ୱାସ୍ ଜରିଆରେ ଟେକ୍ନୋଲୋଜିର ଦକ୍ଷ ଉପଯୋଗ ପାଇଁ ବଜେଟ୍‌ରେ ୧୯.୭୫ କୋଟି ଟଙ୍କା ଆବଂଟନ କରାଯାଇଛି । ଡାଟାର ନିର୍ଭର ଯୋଗ୍ୟତା ଏବଂ ସୁଲଭତା ପାଇଁ ପୁରୀଠାରେ ସମୁଦ୍ର ଭିତରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ୍ ପ୍ରତିଷ୍ଠାର ଯୋଜନା ହୋଇଛି । ଏହି ଷ୍ଟେସନ୍ ପ୍ରତିଷ୍ଠା ଦ୍ୱାରା ଡାଟା ସେଂଟର, ଚିତବିନୋଦନ, ଦୂରସଂଚାର ଏବଂ ଫିନ୍‌ଟେକ୍‌ର ବଜାରକୁ ସଶକ୍ତ କରିବ । ଯାହାଦ୍ୱାରା ଓଡ଼ିଶା ପୂର୍ବଭାରତ, କେନ୍ଦ୍ରୀୟ ତଥା ଉତର-ପୂର୍ବ ଭାରତ ପାଇଁ ଏକ ଡିଜିଟାଲ ହବ୍ ଭାବେ ଛଡ଼ା ହୋଇପାରିବ । ଇଲେକେଟ୍ରାନିକ୍‌ସ ଡିଜାଇନ୍ ଏବଂ ଉତ୍ପାଦନ କ୍ଷେତ୍ରରେ ଏକ ସୁବାତାବରଣ ସୃଷ୍ଟି କରିବାକୁ ୩୦ କୋଟି ଟଙ୍କା ବିନିଯୋଗରେ ଏକ ଉଚ୍ଚାଭିଳାସି ଓ ଓଡ଼ିଶା ଚିଫ୍ (କ୍ୱ-ଇଓଔଚ) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗବେଷଣା, ନମୂନା ପ୍ରସ୍ତୁତି, ପରୀକ୍ଷଣ ଏବଂ ଉତ୍ପାଦନ ପାଇଁ ସଠିକ୍ ପରିବେଶ ସୃଷ୍ଟି ହୋଇପାରିବ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଇଲେକ୍ଟ୍ରି ଖୁଣ୍ଟରେ ପିଟି ହୋଇ ଜଳିଗଲା କାର୍, ଛୋଟ ଛୁଆ ସମେତ ୪ ଗୁରୁତର

ଭୁବନେଶ୍ୱର,୪ ।୩(ପି.ଏନ): ପରିବାର ସହ ଜଗନ୍ନାଥ ଦର୍ଶନ ପାଇଁ ଯିବା ବେଳେ ଘଟିଲା ଅଘଟଣ । ଭାରସାମ୍ୟ ହରାଇ ଏକ କାର୍ ଏକ ଇଲେକ୍ଟ୍ରି ଖୁଣ୍ଟରେ ପିଟି ହେବାରୁ ଏକ ପରିବାରର ୩ ଜଣଙ୍କ ସମେତ ସମୁଦାୟ ୪ ଜଣ ଗୁରୁତର ହୋଇଛନ୍ତି। ଏପରି ମର୍ମନ୍ତୁଦ ଦୁର୍ଘଟଣା ଆଜି ସକାଳେ ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ବୀରଗୋବିନ୍ଦପୁର ଛକ ନିକଟରେ ଘଟିଛି। ଗୁରୁତରମାନଙ୍କ ପରିଚୟ ମିଳିପାରିନି। ଏକ ୱାଗନର କାର୍ ଆଜି ସକାଳେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିଲା। ଏହି ସମୟରେ କାର୍‌ରେ ପତି, ପତ୍ନୀ ଓ ଛୋଟ ଛୁଆ ଥିବା ବେଳେ ଡ୍ରାଇଭର ଗାଡି ଚଳାଉଥିଲେ।

# ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ୨ ବରିଷ୍ଠ ଅଧିକାରୀ ଗିରଫ

ଭୁବନେଶ୍ୱର, ୪ ।୩(ପି.ଏନ): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ୨ ବରିଷ୍ଠ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା ଗିରଫ ହୋଇଛନ୍ତି। ଉମେଶ ଜେନାଙ୍କର ଆୟ ଠାରୁ ୩୬୮ ପ୍ରତିଶତ ଅଧିକ ସମ୍ପତି ଠାବ କରାଯାଇଛି । ସେହିପରି କେବିକେ ସର୍କଲ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କନ୍ଦର୍ପ ପ୍ରଧାନ ମଧ ଗିରଫ ହୋଇଛନ୍ତି । କନ୍ଦର୍ପ ପ୍ରଧାନଙ୍କର ଆୟ ଠାରୁ ୭୫ ପ୍ରତିଶତ ଅଧିକ ସମ୍ପତି ଠାବ କାରଯାଇଥିବା ଜଣା ପଡିଛି ।









# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୬)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା’ ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

## ଆଜିର ଭାଗ୍ୟ

**ମେଷ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି। ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ। ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ। ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ। ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ। ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା। ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ। ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ। ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଷ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ। ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି। ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ। ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ। ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ। କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି।

# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ। ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୂଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା କତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ୍ ମହାମାରୀ ପରେ ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା’ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ଓ୍ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ୍ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି। ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ବିବାଦରେ ଟେରେସାଙ୍କ ଏନ୍‌ଜିଓ





୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚ୍ୟାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି । ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ । କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି । ଖାତାକୁ ଚାଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ । ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ । ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି । ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ । ଏହା ମଧ୍ୟ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା । ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚ୍ୟାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି । ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି । ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି । ଆମେରିକାର ମିସନାରୀଜ ଅଫ ଚ୍ୟାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି । ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି । ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି । ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରୀଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା । ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ୍ୟ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚ୍ୟାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି । କଥା ହେଉଛି ମିସନାରୀଜ ଅଫ୍ ଚ୍ୟାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି । ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି । ସେହି କମ୍ପାନୀର ଅଂଶଧନ ଓ୍ୱଖର୍ଡଟର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିଓ୍ୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି । ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚ୍ୟାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି । ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚ୍ୟାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚ୍ୟାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁ ଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି । ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ । ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି । କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ । କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି । ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି । ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି । ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି । ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ୍ୟ ସେହିସବୁ ବିଦେଶୀ ସଂସ୍ଥାଗୁଡିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି । ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ । ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜିକରଣ ରଦ୍ଦ କରିଛନ୍ତି । ଏହିସବୁ ଏନ୍‌ଜିଓଗୁଡିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା । ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ । ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ ହୋଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା । ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା । ଅନେକ ସ୍ଥଳରେ ଏହି ସଂସ୍ଥାଗୁଡିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ଏପରିକି ଅନେକଗୁଡିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା । ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚାଲିଥିଲା ତା ପଛରେ ବିଦେଶୀଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା । ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ । ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢିଥିଲା । ଦେଶର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ବିଦେଶୀ ଅର୍ଥରେ ସଇତାନୀ କାର୍ଯ୍ୟରତ ଏନ୍‌ଜିଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନରେ ସଂଶୋଧନ ଆଣିଥିଲେ ।

କହିବା କଥା ହେଲା ଡିସେମ୍ବର ମାସ ୨୭ ତାରିଖ ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ଲେଖିଲେ ଯେ ମଦର ଟେରେସାଙ୍କ ମିସନାରୀ ଅଫ ଚ୍ୟାରିଟୀର ବ୍ୟାଙ୍କ ଜମାଖାତାକୁ ନିଷ୍କ୍ରିୟ କରାଯିବା ଯୋଗୁ ୨୨୦୦୦ ରୋଗୀ ଓ କର୍ମଚାରୀ ଭୋକିଲା ରହିବା ସହ ଔଷଧରୁ ବଞ୍ଚିତ ହୋଇଛନ୍ତି । ପଶ୍ଚିମବଙ୍ଗର ବିରୋଧୀଦଳ ନେତା ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ସମାନପାଠକୁ ଟ୍ୱିଟ କରି ସମର୍ଥନ ଜଣାଇଲେ । କଥା ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି । ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା । ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚ୍ୟାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫ୍‌ସିଆରଏ ଆଇନ ଉଲ୍ଲଙ୍ଘନ ଅନୁସନ୍ଧାନ ସିବିଆଇ ଦ୍ୱାରା କରାଯିବାକୁ ସୁପାରିଶ କରାଯାଇଥିଲା । ଗତ ୧୪ ଡିସେମ୍ବର ୨୦୨୧ରେ ଗୁଜରାଟର ବଡୋଦରା ଜିଲ୍ଲାର ମକରପୁରା ପୋଲିସ ଥାନାରେ ମିସନାରୀଜ ଅଫ୍ ଚ୍ୟାରିଟୀ ବିରୋଧରେ ହିନ୍ଦୁ ଯୁବତୀମାନଙ୍କୁ ଅର୍ଥଲୋଭ ଦେଖାଇ ଧର୍ମାନ୍ତରିତ ଉଦ୍ୟମ କରାଯାଉଥିବା ଅଭିଯୋଗ ଆସିଥିଲା ।

ମିସନାରୀଜଗୁଡିକର ପ୍ରଚାରଦ୍ୱାରା ଖ୍ରୀଷ୍ଟିଆନମାନେ ହିନ୍ଦୁ ଦେବାଦେବୀ ମନ୍ଦିରକୁ ଅପବିତ୍ର କଲାପରି ଘଟଣା ୨୭ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ଦକ୍ଷିଣ ମାଙ୍ଗାଲୁରୁ ଅନ୍ତର୍ଗତ କୋରାଇନା କାଟେ ମନ୍ଦିରରେ ଦେଖାଯାଇଛି । ୬୨ବର୍ଷୀୟ ଖ୍ରୀଷ୍ଟିଆନ ବ୍ୟକ୍ତି ଦେବଦାସ ଦେଶାଇ (ପି-ଜନ୍ ଦେଖାଇ) ଏକ ବର୍ଷ ହେବ ରାତିରେ ଭିନ୍ନ ଭିନ୍ନ ହିନ୍ଦୁମନ୍ଦିରର ଦାନପାତ୍ରରେ ବୁଲି ବୁଲି ବ୍ୟବହୃତ କଣ୍ଡୋମମାନ ପକାଉଥିଲା । ୨୭ଡିସେମ୍ବର ରାତିରେ ସମାନ ଢଙ୍ଗରେ ମନ୍ଦିର ଦାନପାତ୍ରରେ କଣ୍ଡୋମ ପକାଉଥିବାର ସିସିଟିଭି ଫୁଟେଜକୁ ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ଦେଇ ଅଭିଯୋଗ କରିଥିଲେ । ହୁବୁଳିର ଉନ୍‌କଲ ବାସିନ୍ଦା ଏହି ଅଭିଯୁକ୍ତକୁ ପୁଲିସ ଗିରଫ କଲାପରେ ସେ ପୂର୍ବରୁ ଏହିପରି କଣ୍ଡୋମ ପକାଇଥିବାର ଦୋଷକୁ ସ୍ୱୀକାର କରିଥିଲା । ଚଳିତବର୍ଷ ଜାନୁଆରୀ ମାସରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ ତାଙ୍କ ପୁତ୍ର ବିଜୟେନ୍ଦ୍ରଙ୍କ ପୋଷ୍ଟରକୁ କଦର୍ଯ୍ୟ କରିବା ସହ ଏକ କଣ୍ଡୋମ ମଧ୍ୟ ମାଙ୍ଗାଲୋରର ଉଲାଲ ନିକଟସ୍ଥ କୋରାଗଜ୍ଜା ଗୁଳିଗଜ୍ଜା ଦେବସ୍ଥାନରେ ପକାଇଥିଲା । ପୋଲିସ ନିକଟରେ ସେ ଏହାର କାରଣ ସ୍ୱରୂପ ମିସନାରୀଜଙ୍କ ଭୁଲ ପ୍ରଚାରରେ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଛି ।

ଏସବୁ ଦୃଷ୍ଟିରୁ ମିସନାରୀଜ ଅଫ୍ ଚ୍ୟାରିଟୀ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ସୁବିଧାକୁ ଦୁରୁପଯୋଗ କରି ବିଦେଶୀ ଅର୍ଥରେ ଯେଉଁ ଦେଶ ଭଙ୍ଗା କାର୍ଯ୍ୟ ଜାରି ରଖିଛି ସେ ନେଇ ଅଧିକ ଅନୁସନ୍ଧାନ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ହେବା ବାଞ୍ଛନୀୟ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକି ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ । ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ । ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ । ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଲନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ ।

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା । କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି । ପୁଲିସ କାରଖାନାକୁ ସିଲ୍ କରିଛି ।

*——‘ମୁଁ ଶିକ୍ଷାକର୍ମୀ କହୁଛି’ ଉନ୍ମୋଚିତ——*

## ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁଜି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୂଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମୀରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ ‘ମୁଁ ଶିକ୍ଷାକର୍ମୀ କହୁଛି’ ଉନ୍ମୋଚିତ ହୋଇଥିଲା । ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଳାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ ଭଗ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ । କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟିତ୍ୱ ତୁଲାଇ ଥିଲେ । ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ । ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ ।

# ସାହିତ୍ୟ ଦର୍ପଣ



## କିଛି କଥା କିଛି ବ୍ୟଥା



ସୁଦର୍ଶନ ମହାପାତ୍ର

ଘଟଣା କ୍ରମ – ଏକ

ଝିଅ ଦେଖିବାକୁ ଲୋକମାନେ ଆସିବେ। ସରଳାକୁ ଖୋଜା ପଡ଼ିବା ସ୍ୱାଭାବିକ। ଶାଶୁ ଶ୍ୱଶୁର ନଥିଲେ ତ ଶାନ୍ତ ସ୍ୱଭାବର ସ୍ୱାମୀ, ସରଳାକୁ ତା' ଭାଇଙ୍କ ସାଙ୍ଗରେ ପଠେଇ ଦେଇଥିଲେ। ଗାଁ କନିଆ ସିଂଘାଣି ନାକୀ। ତା'ର କ'ଣ ବାପଘରେ ଥାଏ ଇଜ୍ଜତ ! ବାସନା ମଜା, ଘର ଓଳା ଆଦି କାମରେ ଲଗେଇ ଦେଲେ ଭାଉଜ। ତାକୁ ଫୁରସତ୍ ନଥିଲା।

–' ସରଳା, ଆଉ ଚାରି କପ୍ ଚା' ବସେଇଲୁ। ତୋ ହାତର ଚା' ପିଇ ସେମାନେ ଭାରି ଖୁସି। ବାହାରିବା ବେଳକୁ ମାଗିଲେଣି ଚା' ଆଉଥରେ।' ଭାଇ ଆସି କହିଲେ ହସି ହସି।

ହେଲେ କ୍ଷୀର କମ୍ ଅଛି। ସରଳା କ'ଣ କରିବ ଭାବିବା ଭିତରେ ଆସି ପହଞ୍ଚିଲେ ଭାଉଜ। ସବୁ କଥା ଶୁଣି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେମିତି ରକ୍ତମୁଖା ହୋଇ ପଡିଲେ।

–' ମୂର୍ଖ ଲୋକଙ୍କୁ ଯେଉଁ କାମ ଦେଲେ ସେଥିରେ ଅସୁବିଧା। ଭାଗ ମାପ କରି ଆଗରୁ ସିନା କ୍ଷୀର ଆଉ ପାଣି ଦେଇଥିଲେ ହୋଇଥାନ୍ତା। ପିଲାଦିନୁ ଗୋବର ଚକଟି, ଘଷି ପାରି ମୁଣ୍ଡରେ ସେଇ ଗୋବର ଭର୍ତ୍ତି ହୋଇ ଯାଇଛି ବୋଲି କିଏ ଜାଣିଥିଲା ? '

ସରଳା ଏକମୁହାଁ ହୋଇ ଫେରି ଆସିଥିଲା ସେଇ ଜାଗାରୁ। ବନ୍ଧୁ ଫେରିଗଲା ପରେ ଭାଇ ତା ପାଖକୁ ଆସି ' ଭାଉଜ ପରା ପରଝିଅ, ସେ କ'ଣ ତୋତେ ଠିକ୍ ବୁଝି ପାରିବ' କହି ବୁଝେଇ- ବାକୁ ଚେଷ୍ଟା କରିଥିଲେ। ହେଲେ ଅଭିମାନରେ ଦିନେ ଦୁଇ ଦିନ ପର୍ଯ୍ୟନ୍ତ କାନ୍ଦି କାନ୍ଦି ଆଖି, ମୁହଁ ଟବଟବ ହୋଇ ଯାଇଥିଲା ସରଳାର... !

ଘଟଣା କ୍ରମ – ଦୁଇ

ଝିଆରି ର ବାହାଘରକୁ ଭାଇ ଆସି ତାଙ୍କ ଘରକୁ ନେଇ ଯାଇଥିଲେ ସରଳାକୁ। ଜୋଇଁ ଙ୍କୁ ମୁଦି ପିନ୍ଧା ?ଇବାକୁ ହାତେ ଓଢ଼ଣା ଟାଣି ସରଳା ଯାଇଥିଲା ବେଳେ ଭାଇ ଆଦରର ଭଉଣୀ କୁ ବନ୍ଧୁମାନଙ୍କ ସହିତ ପରିଚୟ କରାଇ ଦେଇଥିଲେ।

–' କ'ଣ ଦରକାର ଥିଲା ବନ୍ଧୁମାନଙ୍କ ଆଗରେ ଗେହ୍ଲା ଭଉଣୀର ପରିଚୟ କରାଇବା ? ଭଦ୍ର ସମାଜ ଆଗକୁ ଯିବାର ଥିଲେ ମଣିଷ ନିଜର ରୂପରେଖ ସଜାଡି ରଖିବା ଦରକାର।' ଭାଇ ସବୁ ଶୁଣି ନିରବ ରହିଲେ।

–' ମା, ତୁମର ଶାଢୀ ଖଣ୍ଡେ ଅନ୍ତତଃ ତାଙ୍କୁ ଆଗରୁ ପିନ୍ଧିବାକୁ ଦେଇ ପାରିଥାନ୍ତ ! ସବୁ ଦୋଷ ତୁମର ।' ଭାଇ ନିଜ ଝିଅର ଏ କଥା ଶୁଣି ସରଳା ଆଡକୁ ନିରୀହ ଦୃଷ୍ଟି ପକାଇ କିଛି ନଜାଣିବା ପରି ବାହାରି ଗଲେ ।

ସରଳାକୁ ନିଜ ପାଇଁ ଯେତେ ଦୁଃଖ ଲାଗୁଥିଲା ତାଠାରୁ ବେଶୀ ଦୁଃଖ ଲାଗୁଥିଲା ସ୍ୱାମୀଙ୍କ ପାଇଁ।ସମାସ୍କନ୍ଧ ନୁହନ୍ତି ବୋଲି ଝିଅ ଶାଶୁଘର ପଟର ନୂଆବନ୍ଧୁ ମାନଙ୍କ ସହିତ ସରଳାର ସ୍ୱାମୀ ସଦାଶିବଙ୍କ ସହିତ ପରିଚୟ ହେବାକୁ ଦେଇ ନଥିଲେ ଭାଇ। ଏସବୁ ସରଳାକୁ ଦୁର୍ବିସହ ଲାଗିଥିଲା ।ସେଦିନ ବି ସରଳା ଭଙ୍ଗା ମନ ନେଇ ଫେରି ଆସିଲା ସେଇଠୁ ।

ଘଟଣା କ୍ରମ – ତିନି

ଏ ଭିତରେ ଦୁଇ ବର୍ଷ ବିତି ଯାଇଥିଲା। ଭାଇ ଘରଡିହ ଜମି ବାଡ଼ି ବିକ୍ରି କରିଦେଇ ଏବେ ସହରରେ ରହୁଛନ୍ତି ।ହଠାତ୍ ବୋଉର ଦେହାନ୍ତ ଖବର ପାଇ ସରଳା ଯିବାକୁ ବାଧ ହେଲା। ହେଲେ ସ୍ୱାମୀଙ୍କ ଦେହ ଭଲ ନାହିଁ ବୋଲି ଆସି ପାରିଲେନି ବୋଲି କହି ସମସ୍ତଙ୍କୁ ମିଛ କହିବାକୁ ବାଧ ହୋଇଥିଲା ସରଳା।

' ଯାହାଙ୍କ ସ୍ନେହ ପାଇଁ ସେଠିକୁ ଯାଉଥିଲି ସେ ତ ଆଉ ଇହ ଜଗତରେ ନାହାନ୍ତି, ଏବେ ଆଉ କାହିଁକି ଯିବି ?' –ସଦାଶିବଙ୍କ କଥାକୁ ଠିକ୍ ଭାବରେ ହୃଦୟଙ୍ଗମ କରି ପାରିଲା ସରଳା ।ସ୍ୱାମୀଙ୍କ ସ୍ୱାଭିମାନ କୁ ସେ ସମ୍ମାନ ଦେଇଥିଲା।

–' ମାମୁ,ମାଇଁ ତୋର ଗୁରୁଜନ। କୌଣସି ପରିସ୍ଥିତିରେ ବି ସେମାନଙ୍କ ମନରେ ଦୁଃଖ ହେଲା ଭଳି କିଛି କହିବୁ ନାହିଁ।'ଏଥର ଯିବା ବାଟରେ ପୁଅକୁ ବୁଝାଇଥିଲା ସରଳା। ସବୁ କିଛି ଠିକ୍ ଠାକ୍ ଚାଲିଥିଲା ବୋଲି ସରଳା ଖୁସି ଥିଲା। କ୍ରିୟା କର୍ମ ସରିବା ପରେ ସବୁ ନିମନ୍ତ୍ରିତ ଅତିଥି ଖାଇ ସାରିବା ପରେ ଅନ୍ୟ ସ୍ତ୍ରୀ ଲୋକମାନଙ୍କ ସହିତ ସରଳା ଖାଇ ବସିଲା।

–' ଜାଣିଛ,ଆମ ସରଳା ସିନା ବେଶି ପାଠଶାଠ ପଢି ନାହାନ୍ତି, ହେଲେ ଖୁବ୍ ହିସାବି । ପଚା ଆଳୁ, ପୋକା ବାଇଗଣ ସବୁକୁ ନେଇ ବି ସେ ବଢିଆ ରୋଷେଇ କରିପାରନ୍ତି। ତେଣୁ ଏଠି କେହି ଖାଇବା ଫୋପାଡିବ ନାହିଁ।' ଖାଇବା ମଝିରେ କହିଲେ ଭାଉଜ। ବୋଉର ଛଳଛଳ ଆଖିକୁ ଠିକ୍ ବୁଝିପାରିଲା ପୁଅ।

–' ବୋଉ ଚାଲ ଯିବା। ଡେରି ହେଲାଣି।' ଖାଇବା ଶେଷ କରି ଅନ୍ୟମାନଙ୍କୁ ଅପେକ୍ଷା କରିଥିବା ବୋଉର ପତ୍ରକୁ ଝପଟି ଯାଇ ଉଠାଇ ନେଇ କହିଲା ପୁଅ ସୁଧୀର।' ଏସବୁ କଥା ବାପାଙ୍କୁ କହିବୁ ନାହିଁ' ବୋଲି ରାଣ ପକେଇ ଫେରିବା ବାଟରେ ପୁଅକୁ ବୁଝାଇଲା ସରଳା ।

ଘଟଣା କ୍ରମ – ଚାରି

ମାମୁ ଖାଇସାରି ବିଶ୍ରାମ ନେଉଛନ୍ତି। ସମୟ ଆସିଲେ ବାପା ବୋଉ ଙ୍କ ପ୍ରତି ହୋଇଥିବା ଅଶାଳୀନ ବ୍ୟବହାର ର ମୂଲ୍ୟାୟନ କରିବାକୁ ପଣ କରିଥିବା ପୁଅ ସୁଧୀର ଆଜି ସେ ସମୟ ଆସିଛି ବୋଲି କହିବାରୁ ପୁଅକୁ ସଂଜତ ରହିବାକୁ ସରଳା ଏକରକମ ବାଧ କରିଥିଲା। ମୋବାଇଲ ରିଂ ଶବ୍ଦରେ ମାମୁଙ୍କ ନିଦ ଭାଙ୍ଗିଗଲା ।ତରବର ହୋଇ ପ୍ୟାଣ୍ଟ ସାର୍ଟ ପିନ୍ଧୁଥିଲେ ସେ। ବୋଉ ଚା' କରି ସାରିଥିଲା ସେତେବେଳକୁ ।ଚା'କପ୍ ଟିକୁ ଧରୁ ଧରୁ ମାମୁ ନିମନ୍ତ୍ରଣ ପତ୍ରଟିଏ ଧରାଇଦେଲେ ବୋଉ ହାତରେ।

– ' ସରଳା, ପୁଅର ବାହାଘର ଠିକ୍ ହୋଇ ଯାଇଛି। ସେ ନିଜେ ପସନ୍ଦ କରିଛି। ସଦାଶିବ ତ ଘରେ ନାହାନ୍ତି ।କହିଦେବୁ।' ମୁଖ୍ୟରାସ୍ତା ପର୍ଯ୍ୟନ୍ତ ମାମୁଙ୍କୁ ବାଟେଇ ଦେଇ ଚୁପଚାପ୍ ଘରକୁ ଫେରିଲା ସୁଧୀର।

–' ବାପା ତ ସେ ଜାଗାକୁ ଆଉ ଯିବେ ନାହିଁ। ତୁ ବି ସେ ବାହାଘରକୁ ନଗଲେ ଭଲ ହେବ।' ମତାମତ ଜାଣିବାକୁ ସୁଧୀର ପଚାରିଲା ଗମ୍ଭୀର ମୁହଁ ନେଇ।

–' ଭାଇଙ୍କର ଏଇଟା ଶେଷ କାମ। ନଗଲେ ଚଳିବ କେମିତି। ଭାଇଙ୍କୁ ସମସ୍ତେ ପଚାରିବେ ନା ! ନଗଲେ ସେ ମନଦୁଃଖ କରିବେ ।ଏଇ ଥରଟା ଯିବା ।ଆଉ କୌଣସି କାମକୁ ଯିବା ପାଇଁ ମୁଁ ନବଞ୍ଚିଥିଲେ ଭଲ।' ବୋଉର ଅଭିମାନ ପୂର୍ଣ୍ଣ କଥା ଶୁଣି ଏବଂ ଛଳଛଳ ଆଖିକୁ ଦେଖି ସୁଧୀର ତା ସରଳମନା ବୋଉକୁ ଆଉ ବୁଝାଇବାକୁ ଚେଷ୍ଟା କରିନଥିଲା... ! ! !

*କୁଞ୍ଜବିହାରୀ ଲେନ, କଟକ*

## ହତବାକ୍



ବିଜୟ କୁମାର ଛାଟୋଇ

ସଂଜ ଗଡ଼ିଗଲେ ନିଧି ଦଦେଇଙ୍କ ଦାଣ୍ଡପିଣ୍ଡା ରେ ପୁରାଣପଢ଼ା ଚାଲେ। ସେଥିପାଇଁ ସେ ସବୁଦିନ ପରି ଆଜି ତରତର ହୋଇ ସନ୍ଧ୍ୟା ନିତ୍ୟକର୍ମ ସମାପ୍ତ କରିଦେଇଥାନ୍ତି । ରଖା ସଜଡ଼ା , ଦୀପରେ ପୋଲାଙ୍ଗ ତେଲ ପକାଇବା, ରଜକ ଦେଇଥିବା ଧୋବ କପଡ଼ାକୁ ଚିରି ଲମ୍ବା ଲମ୍ବା ତିନୋଟି ସଂଜ ବଳିତା ତିଆରିବା ସହିତ ଝୁଣା ଓ କର୍ପୂର ଆଳତି ପାଇଁ ପ୍ରସ୍ତୁତ ହୋଇରହିବା ତାଙ୍କର ନୈନିକ କାମ । କେବଳ ପୁରାଣପିଣ୍ଡାକୁ ଆସିବାକୁ ବାକି ଥାଆନ୍ତି ଛଇଲ ଅଜା, ଶିବ ଜେଜେ, ବିହାରୀ ପିଉସା, କୃଷ୍ଣ ପିଉସା, ଚରଣ ଅଜା, ଭୋଳା ଅଜା ଆଦି ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ । ଏମାନେ ସମସ୍ତେ ଉପସ୍ଥିତ ହେଲେ ଯାଇ ପୋଥି ଦିଅଁଙ୍କୁ ନିଧି ଦଦେଇ ପୂଜାକରିବେ। ସେ ବାମହାତରେ ଘଣ୍ଟି ଧରି ପୂଜାପାଠ ଓ ଆଳତୀ କଲାବେଳେ କିଏ ଘଣ୍ଟ ବଜାଏ ତ ପୁଣି କିଏ ମୃଦଙ୍ଗ ଓ ଗିନି ବଜାଇଦିଏ । ଏସବୁ କାମ ସରିଗଲେ ନିଧି ଦଦେଇ ପୁରାଣ ପଣ୍ଡିତ ହୋଇ ଆଗେ ମଙ୍ଗଳାଚରଣ କରି ପୁରାଣ ପଢ଼ିବା ଆରମ୍ଭ କରନ୍ତି । ସେହି ପୁରାଣପଢ଼ା ପାଖରେ ପୁରୁଖା ଲୋକମାନେ ବସି ପୁରାଣ ଶୁଣନ୍ତି ଓ ପୁରାଣର ବିଷୟବସ୍ତୁକୁ ବିଶ୍ଳେଷଣ କରନ୍ତି । ଏପରି ପରମ୍ପରା କାହିଁ କେତେକାଳରୁ ଚାଲିଆସୁଅଛି ।

ଆମ ଛଇଲ ଅଜାଙ୍କର ଗୋଟେ ଦୋଷ , ସେ ଅନ୍ୟକୁ ଦେଖେଇ କଥାର ଖିଅ କାଢ଼ନ୍ତି । ସେ ପୁରାଣ ପଢ଼ାର ମଝିରେ ମଝିରେ ଦନେଇ ମଉସାଙ୍କୁ ଆକ୍ଷେପ କରି ଗୋଟିଏ ଡୋଜ୍ ମାରି କହିଲେ , ଆଜିକାଲିର ଲୋକେ ପୁରାଣ ଶାସ୍ତ୍ରକୁ ପୁରୁଣାକଥା କହି କାହିଁକି ଉପହାସ କରନ୍ତି କେଜାଣି ? ଛଇଲ ଅଜାଙ୍କ ଏପରି ପ୍ରଶ୍ନର ଉତ୍ତରରେ ନିଧି ଦଦେଇ କହିବାକୁ ଲାଗିଲେ , ' ଏମାନେ ଆଧୁନିକତାର ଚାକଚକ୍ୟତାରେ ଅଭ୍ୟସ୍ତ । ଆମେ ମଧ୍ୟ ! କିନ୍ତୁ ଏମାନେ ନିଜର ଆଳସ୍ୟପରାୟଣତା ଏବଂ ପାଶ୍ଚାତ୍ୟ ସଂସ୍କୃତିର ସହଜାନୁପନ୍ଥାକୁ ଗ୍ରହଣ କରି ନିଜର ସଂସ୍କୃତି ଓ ପରମ୍ପରାକୁ ରୁଗ୍ଣ ମନେକରନ୍ତି ଏବଂ ପାଶ୍ଚାତ୍ୟ ସଂସ୍କୃତିକୁ ବହୁଳ ଆପଣେଇ ତାହାକୁ ଉନ୍ନତର ଶୀର୍ଷତମ ମନେକରି ଏଗୋଷ୍ଠୀ ଯେ ସମାଜକୁ ଧ୍ୱଂସ ଆଡକୁ ନେଉନାହାନ୍ତି ତାହା କୁହାଯାଇ ନ ପାରେ ' ! ନିଜର ଆଚାର ବ୍ୟବହାର ଚାଲି ଚଳଣି ଶିକ୍ଷା ଦୀକ୍ଷା ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ଯିଏ ବ୍ରତୀ ସିଏ ହିଁ ସୁସଂସ୍କୃତ । ତେଣୁ ସମାଜରେ କିପରି ସୁଧାର ଆସିବ ସେଥିପାଇଁ ନିଧି ଦଦେଇ ଭାଗବତର ଧ୍ରୁବ ଚରିତ, ଭକ୍ତ ପ୍ରହଲ୍ଲାଦଙ୍କ ଚରିତ, ଭକ୍ତ ବିଦୁରଙ୍କ କଥା, ବୀର କର୍ଣ୍ଣଙ୍କ କଥା, ଗୋପୀଗୋପାଳଙ୍କର ଶ୍ରୀକୃଷ୍ଣଙ୍କ ଠାରେ ଥିବା ଭକ୍ତିକଥା , ପାର୍ବତୀଙ୍କ କଠୋର ବ୍ରତ କଥା, ଏବଂ ରାମାୟଣର ମା' ସୀତାଙ୍କ ଚରିତ, ମା' ସବରୀଙ୍କ ଚରିତ, ଜଟାୟୁ ଚରିତ, ଶ୍ରୀରାମ, ଲକ୍ଷ୍ମଣ,ଭରତ ଓ ଶତ୍ରୁଘ୍ନଙ୍କ ମଧ୍ୟରେ ଥିବା ଭ୍ରାତୃପ୍ରେମ ଏବଂ ସେମାନଙ୍କର ପିତୃ ଭକ୍ତି ଆଦି ପ୍ରସଙ୍ଗ ଆଲୋଚନା କରି ଭାରତୀୟ ଆର୍ଯ୍ୟ ସଭ୍ୟତାର ମହାନ ସଂସ୍କୃତି ଓ ପରମ୍ପରାକୁ ମନେପକାଇଲା ବେଳେ ଆଖିରୁ ତାଙ୍କର ଲୋତକ ଗଡ଼ିଆସେ । ନିଧି ଦଦେଇଙ୍କ ଏପରି ଭାବୋଦ୍ଦୀପକ ଆଲୋଚନାରେ ଅନ୍ୟ ଶ୍ରୋତୃମଣ୍ଡଳୀଙ୍କର ଆଖିକୁ ମଧ ଅଜାଣତରେ ଲୁହ ଆସିଯାଇଥାଏ । ପାଖରେ ଥାଆନ୍ତି ଦନେଇ ମଉସା । ସେ ଆଗରୁ ପୁରାଣ ବିରୋଧୀ ଓ ପୁରାଣ ପ୍ରମୀମାନଙ୍କୁ ଥଟ୍ଟାମଜା କରନ୍ତି ବୋଲି ସମସ୍ତେ ତାଙ୍କ ଉପରେ ଖପ୍ପା । ତାଙ୍କ କହିବା ମୁତାବକ ଏବେ ସେ ନୂଆକରି ଚାକିରିରୁ ଅବସରନେଇ ସହରରୁ ଗାଁ ଘରକୁ ଦୁଇଦିନ ପାଇଁ ଆସିଛନ୍ତି । ସେହି କାରଣରୁ ସେ ଆପେ ପୁରାଣ ପଢ଼ା ପାଖରେ ଆସି ବସିଥାନ୍ତି । ତାଙ୍କ ହାବଭାବରୁ ଜଣାପଡୁଥିଲା ଯେ ତାଙ୍କର ଆଉ ନିଜ ଘର କଥାରେ ମୁଣ୍ଡ ପୁରାଇବାକୁ ଭଲ ଲାଗୁନି । ଭଗବାନ ସବୁକିଛି ଅଟନ୍ତି ବୋଲି ତଉଲିଛନ୍ତି । ତାଙ୍କର ପିଲାମାନେ ସବୁ ବଡ଼ଚାକିରି କରି ବିଦେଶରେ ଥିବାରୁ ବାପାମାଆ କଣ ଓ ସେ କିପରି ଥିବେ ଏବଂ ଗାଁ ଗଣ୍ଡା ଦିଅଁଦୁବ କଥା କିଛି ବି ସେମାନଙ୍କ ମୁଣ୍ଡରେ ନ ଥାଏ । କେବଳ ବିଳାସବ୍ୟସନ ଛଡ଼ା ତାଙ୍କୁ କିଛି ବି ସୁହାଏନି। ଖାଇବା ପିଇବା ବୁଲିବା ଏବଂ ଟଙ୍କା ରୋଜଗାର କରିବା ସେମାନଙ୍କର ଚିନ୍ତା । ଲୋକେ କହନ୍ତି ବାପ ଯେମନ୍ତକୁ ପୁଅମାନେ ତେମନ୍ତ । ସେଥିପାଇଁ ଲୋକମାନେ କେହି ଜଣେ ବି ତାଙ୍କୁ ସୁଖ ପାଆନ୍ତିନି । କିନ୍ତୁ ହେଲେ କଣ ହେବ ଛଇଲ ଅଜା ତାଙ୍କୁ ମୂଳରୁ ବିଗାଡ଼ି ଦେଲେ । ସେ ପୂର୍ବପରି କାହାରିକୁ କୌଣସି ଦୋଷାରୋପ ନ କରି ତୁନ୍ କିନା ବସିଥାଆନ୍ତି । ମନରେ ତାଙ୍କର ଅମାପ ଦୁଃଖ ଗୁଞ୍ଜରିତ ହେଉଥିଲା ! ତାଙ୍କର ସହର ଚଳନି ଯେତିକି ତା'ଠୁ ଅଧିକ ଉହରାମି ପଣିଆ ଯୋଗୁଁ ସେ ଗାଁ ଲୋକଙ୍କ ଆଗରେ ନିନ୍ଦିତ ହୋଇଥିବାରୁ ସେ ଭାରି ଅନୁତାପିତ । ତାଙ୍କର ମନରେ ଆଉ ସୁଖ ନଥାଏ। ଜୀବନରେ କେବେ ବି ଖୋର୍ଦ୍ଧା ଗାମୁଛା, ଧୋତି ପଞ୍ଜାବୀ ପିନ୍ଧି ନାହାନ୍ତି । ଏବେ ମଧ୍ୟ ସେ ବିଭିନ୍ନ ରକମର ସର୍ଟ ପ୍ୟାଣ୍ଟ ,ସର୍ଟ ସାର୍ଟ ପିନ୍ଧି ଯୁବପିଢ଼ିଙ୍କୁ ଭ୍ରମିତ କରୁଥିବାରୁ ତାଙ୍କ ଉପରେ ସବୁଲୋକଙ୍କର ନାହିଁ ନ ଥିବା ରାଗ । ତାଙ୍କର ଚାଲିଚଳନକୁ ଦେଖି ଗାଁର ସବୁ ପିଲା ଆଧୁନିକତା ଆଳରେ ଆଉ କେହି ମୁଣ୍ଡ ନୁଆଁଇ ପ୍ରଣାମ ନ କରି ଆଣ୍ଠୁଠୁ ପ୍ରଣାମ କରୁଛନ୍ତି । ପର୍ବପର୍ବାଣୀବେଳେ ଶଙ୍ଖ ଓ ହୁଳହୁଳିର ଶୁଭଧ୍ୱନି ଶୁଣାଯାଉନି । ଦୁଃଖର ବିଷୟ ଗୋମାତାଙ୍କଠାରେ ଆଉ ଲୋକଙ୍କର ଆଦର ନାହିଁ । ଗହ୍ମା ପୂର୍ଣ୍ଣିମାରେ ଗୋରୁଗାଈଙ୍କର ସେବା ଓ ପୂଜା ଧିରେ କମି ଆସିଲାଣି । ଆଜିର ପିଲାଙ୍କ ହାତରେ ମୋବାଇଲ୍ ଫୋନ୍ ଧରାଇଦେଇ ବାପାମାଆମାନେ ହାଲୁକା ହୋଇଗଲେଣି । ଶିବରାତ୍ରିରେ ଲୋକେ ଆଉ ଉପବାସ ରହୁନାହାନ୍ତି। ବାପା, ବୋଉ, ନାନୀ ,ଅପା ,ଭାଇ, ମଉସା ,ମାଉସୀ, ମାମୁଁ ,ମାଇଁ , କକା, ଖୁଡ଼ୀ ଡାକିବାକୁ ଲାଜ ଲାଗୁଛି । ଦଶମ ପାଠ ଶେଷ ପରେ ଉଚ୍ଚଶିକ୍ଷା ଲାଭକରି ଯୁବକମାନେ ନିଜକୁ ସର୍ବଜ୍ଞ ମନେକରି ନାସ୍ତିକତାକୁ ଆପଣାଉଛନ୍ତି । ଭାରତୀୟ ଭାଷା ହେଉକି ନିଜ ମାତୃଭାଷା ହେଉ ଏଥିରୁ ଭାବର ଆଦାନ ପ୍ରଦାନ କରିବାକୁ ସେମାନେ ଲଜ୍ଜାବୋଧ କଲେଣି। ଗୋମାତାଙ୍କ ଗୋବର କଥା ନ କହିଲେ ଭଲ । କାହାରି ଘରେ ଆଉ ଗୋମାତା ନାହାନ୍ତି କି ଗୋବରରେ ଲିପାପୋଛା ହେଉନି । ତିଥିବାରକୁ ଲୋକେ ନ ମାନି ଉଭଟ ଚିନ୍ତା ପ୍ରକଟ କଲେଣି । ସ୍ୱାମୀସ୍ତ୍ରୀଙ୍କ ଭିତରେ ସେଦିନର ପତିପତ୍ନିବ୍ରତରେ ଥିବା ନିଷ୍ଠା ହଜିଗଲାଣି। ସମାଜରୁ ସ୍ନେହ ମମତା ଅନୁରାଗ ଲୋପ ପାଇ ଯାଉଛି । ବିକଳ ଓ କରୁଣଚିତ୍ରର ସାବିତ୍ରୀ ବ୍ରତ କଥା କହିବାକୁ ଲାଜ ଲାଗୁଛି। ପରସଂସ୍କୃତିରେ ଲଟପଟ ହୋଇ ପାଶବିକ ପ୍ରବୃତିରେ ବଶବର୍ତ୍ତୀ ମଣିଷ ଆଜି ଧର୍ମ କର୍ମ ଭୁଲିଗଲେଣି । ନିଜ ହେତୁରେ ନିଜେ ବଳିୟାର ହୋଇଯାଉଛନ୍ତି । କେହି ଦେବ ଭାଷା ସଂସ୍କୃତକୁ ଆଉ ଆଦର କରୁନାହାନ୍ତି କହିଲେ ଚଳେ । ଓଡ଼ିଆ ଘରର ଝିଅ ବୋହୁଏ ଶାଢି ପିନ୍ଧିବାକୁ ଲାଜ କଲେଣି । ଅଳତା ସିନ୍ଦୁର କଥା ନ କହିଲେ ଭଲ । ଏପରି ଅନେକ କଥା ଗାଁରେ ଯଦି ଘଟୁଛି କେବଳ ସେହି ଦନେଇ ମଉସାଙ୍କ ଯୋଗୁଁରୁ । ସିଏ ହୁଅନ୍ତୁ କି ତାଙ୍କର ପରିବାର ହୁଅନ୍ତୁ, ଯେତେବେଳେ ସେମାନେ ସହରରୁ ଗାଁକୁ ଆସନ୍ତି ସେତେବେଳେ ସେମାନେ ନିଜ ଦିହରେ ବିଦେଶୀ ଅତର, ବିଦେଶୀ ବସ୍ତ୍ର, ବିଦେଶୀ କଥା, ବିଦେଶୀ ଖାଦ୍ୟ ଓ ତାର ଖାଇବା ଚଳନି , ବୁଟୁ ହେଉ କି ଜୋତାକୁ ଗୋଡରୁ ନ ଖୋଲି ଖାଇବା ପିଇବା ଶୋଇବା ଆଦି କଦର୍ଥ କାର୍ଯ୍ୟ କଳାପକୁ ଗାଁ ଲୋକେ ସହିପାରନ୍ତିନି । ସେମାନଙ୍କ ପରିଧାନରେ ସୌଚ୍ ନିର୍ମଳଭାବ ନ ଥିବାରୁ କଳିଯୁଗର କରାମତି ବୋଲି ଲୋକେ କହନ୍ତି । କେବଳ ବିଦେଶୀ ଅତର ପକେଇ ଗନ୍ଧାଉଥିବାର ଚାଲିଚଳନି ସମାଜକୁ ନଷ୍ଟ କରିଦେଲାଣି । ଏଥର କୁତ୍ସିତ ଓ କଳଙ୍କିତ ଅପସଂସ୍କୃତିକୁ ଆଉ ବରଦାସ୍ତ କରାଯିବନି ବୋଲି ନିଧି ଦଦେଇ ରୋକଠୋକ୍ ବ୍ରହ୍ମବାଣୀ ଶୁଣାଦେଇଛନ୍ତି । ସମସ୍ତେ ଭାବୁଥାନ୍ତି ଦନେଇ ମଉସା ଆଜି ହଇଚଇ ସୃଷ୍ଟି କରିଦେବେ । କିନ୍ତୁ ପୂର୍ବପରି ତାଙ୍କର ମନରେ କୌଣସି ବଡ଼ବଡ଼ିଆ ଭାବ ନ ଥିଲା ପୂରାପୂରି ସେ ନରମି ଯାଇ ନିଜକୁ ଧିକାର କରୁଥିଲେ । ସେ ଭାବୁଥାଆନ୍ତି ସହରରେ ରହି ଆଧୁନିକତାର ମୂଲ୍ୟବୋଧକୁ ନ ବୁଝି ଅପସଂସ୍କୃତିର ପାଶବିକ ଚଳନିକୁ ଆପଣେଇ ବଡ଼ ଦୋଷ କରିଛି । ମୋତେ ସମାଜ କଦାପି କ୍ଷମା ଦେବନି । ବାସ୍ତବରେ ଯେଉଁଠି ଶାନ୍ତି ଓ ସମୃଦ୍ଧି ଥିଲା, ଯେଉଁ ମାଟିର କୋଳରେ ପବିତ୍ରତା ଓ ମହାନତା ଯଥେଷ୍ଟ ଥିଲା ତାକୁ ଜାଣିଶୁଣି ପଦାଘାତ କରି ବଡ଼ କୁକର୍ମ କରିଛି ।

ଆଜି ପୁରାଣ ମଣ୍ଡପର ପବିତ୍ର କ୍ଷେତ୍ରରେ ମୋତେ ପ୍ରାୟଶ୍ଚିତ କରାଯାଉ ବୋଲି ବିବେକ ଆଗରେ ଅଭିଯୋଗ ବାଢୁଥାନ୍ତି ସେ । ପୁଣି ଭାବୁଥାନ୍ତି ସେ ଯେଉଁ ପୁରାଣ ପୋଥି ଆମ ପୂର୍ବସୁରୀଙ୍କର ବିଶ୍ୱାସର ମନ୍ଦିର ଓ ଆଶାର ଆଲୋକ ଅଟେ ମୁଁ ସେହି ପବିତ୍ର ପରମ୍ପରା ଓ ସଂସ୍କୃତିକୁ ଭୁଲିଯାଇ ପାପକରିଛି। ସେତେବେଳେକୁ ନିଧି ଦଦେଇ ପୁରାଣଙ୍କୁ ବିଶ୍ରାମ ଦେଇ, ଆଳତି ସାରି ହରିବୋଲ ଦେବାକୁ ସମସ୍ତଙ୍କୁ ଠିଆହେବାକୁ ଆଦେଶ ଦେଲେ। କିନ୍ତୁ ସମସ୍ତେ ଦନେଇ ମଉସାଙ୍କର ମୌନତାକୁ ଅପେକ୍ଷା କରିଥାନ୍ତି। କାଳେ ସେ ଶେଷକୁ ଗଣ୍ଡଗୋଳ କରିଦେବେ ! ସେଥିପାଇଁ ସମସ୍ତେ ପ୍ରସ୍ତୁତ ଥାଆନ୍ତି । ଯଦି ସେ କୌଣସି ବିଘ୍ନ ସୃଷ୍ଟି କରିବେ ତେବେ ଗାଁ ଲୋକ ସବୁମିଶି ଦନେଇ ମଉସାକୁ ପାନେ ଦେବେ ବୋଲି ସଜାଗ ଥାଆନ୍ତି । କିନ୍ତୁ ସେଦିନ ଦନେଇ ମଉସା ତଳୁ ଉଠିଯାଇ କହିହେଉଥିଲେ ମୋତେ ତୁମେ ସମସ୍ତେ ମିଶି କ୍ଷମାକରିଦିଅ । ଦନେଇ ମଉସାଙ୍କର କଥାରେ ଲୋକେ ସେଦିନ ହତବାକ୍ ହୋଇଯାଇଥିଲେ ।

*ମୁଖ୍ୟ ସମ୍ପାଦକ, ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଓଡ଼ିଶା,*
*ସତ୍ୟବାଦୀ, ପୁରୀ*
*ମୋ – ୮୫୯୯୮୩୮୫୯୭*

## ଶ୍ରୀରାଧା

*ଲୋପାମୁଦ୍ରା ଜେନା*



ସଜାଇଥିଲି ମୁଁ ଗୋଲାପ ପାଖୁଡା
ତୁମରି ବାଟକୁ ଚାହିଁ ,
ଝିପିଝିପି ମେଘ ମନଅଗଣାରେ
ଝରୁଥିଲା ରହି ରହି ॥
କଦମ୍ବ ଦେହରୁ ବାସ ଝରୁଥିଲା
ଉଜାଣି ଯମୁନା ନଈ ,
ବଇଁଶୀ ମୋହର ଝୁରି ହେଉଥିଲା
କାହିଁଗଲ ରାଧାରାଇ ॥
ରାଧାକୁଞ୍ଜେ ମନ ଅସ୍ଥିର ଲାଗଇ
ତୁମେ କି ଜାଣନି ସଖି ,
କେଉଁ ଅଭିମାନେ ରହିଛ ଦୂରେଇ
ଆଗୋ ,ଚାରୁ ଚନ୍ଦ୍ରମୁଖୀ ! !
ଭାବନାରେ ତୁମେ , ଏ ମନରେ ତୁମେ
ହୃଦୟେ କରିଛ ଘର ,
ତୁମ ବିନା ସଖି ଏ କୁଞ୍ଜକାନନ
ଲାଗୁଅଛି ସାତପର ॥
ଚନ୍ଦ୍ରସେଣାପୁରେ ତୁମେ ସଖି ଧିରେ
ରହିଅଛ ମନ ମାରି ,
ଏ ମନ ଚଞ୍ଚଳ ଅଧିର ଅସ୍ଥିର
ନଭୁ ପଡେ ଘନ ଝରି ॥
ଆଗୋ ପ୍ରିୟତମା ବୃଷଭାନୁ ଜେମା
ଏ ରାତି ଭାବୁକ କରେ ,
ବିଜୁଳି ମାରିଲେ ଲାଗେ ସତେ ତୁମେ
ଝୁଲୁଛ ଫୁଲଦୋଳିରେ ॥
ଆନମନା ମନ ଅସ୍ଥିର ପାଦ ମୋ'
ତୁମକୁ ଖୋଜଇ କେତେ ,
ନିଶାର୍ଦ୍ଧ ଲଗ୍ନରେ ତୁମ ମୁହଁ ଦିଶେ
ଦୂର ଲତାକୁଞ୍ଜ ସାଥେ ॥
ସାରା କୁଞ୍ଜବନୁ ତୁମ ହସ ଶୁଭେ
ଚାରିଆଡ ରାଧା ରାଧା ,
ଆଖି ମୁଦିଦେଇ ତୁମକୁ ପାଏ ମୁଁ
ନାହିଁ ଚନ୍ଦ୍ରସେଣା ବାଧା ॥
ହୃଦୟରେ ତୁମେ ଘର କରିଅଛ
ଆଗୋ ଚାରୁ ଚନ୍ଦ୍ରମୁଖୀ ,
କୁଞ୍ଜେ ଯମୁନାରେ ତୁମକୁ ଖୋଜିଲେ
ପାଇବି କୁହ କେମିତି ? ?
ମନଯମୁନାରେ ଜୁଆର ଉଠିଲେ
ହୃଦୟ ତୁମକୁ ଖୋଜେ ,
ନିଶବ୍ଦ ରାତିରେ ସେ ପାଇଁ ବଇଁଶୀ
ଶ୍ରୀରାଧା ଶ୍ରୀରାଧା ଭଜେ ॥

*ବାଲାଜି କମ୍ପ୍ଲେକ୍ସ ,*
*ଭୁବନେଶ୍ୱର : ୭୫୧୦୦୬*

## କାଗଜ ଫୁଲ

*ବିଜୟ କୁମାର ସାହୁ*



ବସନ୍ତ ମାସରେ ଏ ଖରା,
ସତେକି ବା ଝରିଯାଉଛି କାହା
ଆଖିରୁ ଅଶ୍ରୁ
ହେଲେ ମୁଁ ନିସ୍ତବ୍ଧ ଆଉ ନିରୁପାୟ
ମନରେ ନାହିଁ ଉନ୍ମାଦନା,
ନାଁ ବଂଚିବାର ଅଛି ଟିକିଏ ଲୋଭରେ
କ୍ୟାଲେଣ୍ଡର ର ସେଇ ଶେଷ ପୃଷ୍ଠା
ସତ ହବକି ସେ ଦିବା ସ୍ୱପ୍ନ ,
ଫେରିଆସିବକି ପୁଣି ସେ ଅଫେରା ଦିନ
ଜହ୍ନ ଆଲୁଅରେ ଖେଳ ।
ଶୁଭିବକି ସେ କୋଇଲିର ନାଦ,
ଆମ୍ବ ଆଉ ପଣସର ସେ
ମନଲୋଭା ଗନ୍ଧ
ପୁଣି ଝଡା ବଉଳର ବାସ ।
ମହକି ଉଠିବ ସେ କାଗଜ ଫୁଲ ,
ଶ୍ୱେତ ନାରଙ୍ଗୀ ର ଶାଢୀରେ ମୁରୁକି
ହସା ଦେଇ
ହେ ପ୍ରିୟେ ଆସି ତୋଳିନିଅ ମତେ ଆଉ
ଅପେକ୍ଷା କର ଆଉ ଗୋଟେ ପରିବର୍ତ୍ତିତ
ଦୁନିଆଁ କୁ ।

*ଗୌରଚନ୍ଦ୍ର ପୁର, ନୟାଗଡ଼*
*ମୋ : ୭୮୪୯୦୪୯୮୧୮*

## ଫୁଟେ ପ୍ରୀତିର ଫୁଲ

*ରତ୍ନକାନ୍ତି ମିଶ୍ର*



ରାତିର କଥା ପତରରେ ଲେଖି
ଉଡି ଯାଇଛି ସେନେହ ପକ୍ଷୀ
କାକର-ଲୁହ ଝରେ
ତମେ କେଉଁଠି ମୁଁ କେଉଁଠି
ଫିଟି ଯାଇଛି ସଂପର୍କ ଗଣ୍ଠି
ଶୂନ୍ୟତା ହୃଦେ ଭରେ ॥
ସବୁ ତିଥିରେ ଝଲସେ ଜହ୍ନ
ସବୁ ସକାଳେ ଖୁସିର ଚିହ୍ନ
ଫୁଟେ ପ୍ରୀତିର ଫୁଲ
ପ୍ରେମ ପୁରୁଣା କେବେ ହୁଏନା
ତିକ୍ତ ଭାବନା ମନେ ଆସେନା
ସେତ ଅମୂଲ ମୂଲ ॥
ଦେହ ଦେହାଳି ବୟସ ମୋଡେ
ଧୂସର ବର୍ଣ୍ଣ ପତର ଝଡେ
ପୁଣି କଅଁଳେ କଢି
ସତେଜ ହୁଏ ତୁମରି ସ୍ମୃତି
ହୃଦ ସିନ୍ଧୁକେ ରଖେ ସାଇତି
ସପନେ ଯାଏ ବୁଡି ॥
ତମରି କଥା ବନ୍ଧଇ ବହି
ଯେତେ ପଢିଲେ ନୂଆ ଲାଗଇ
ନୁହଁଇ ଅବିସ୍ମୃତ
ସପନେ ତମ ଆସିବା ଯିବା
ନିଦରେ ଆଖି କରୁଛି ଓଦା
ଜୀବନ ଲାଗେ ରିକ୍ତ ।
ତମରି ସେଇ ଜୋଛନା ପାଦ
ପଡିବ ଯେବେ ଉଇଁବ ଚାନ୍ଦ
ଭୁଲିବି ପରାଭବ
ଅସାର ରାତି ଯିବ ବି ପାହି
ନୂତନ ସୂର୍ଯ୍ୟ ଆସିବ ଉଇଁ
ମୋ ଘର ଝଲସିବ ?॥

*ଆଳି , କେନ୍ଦ୍ରାପଡା*

## ରଙ୍ଗମଖା ତୃଷ୍ଣା

*ସୁଧାକର ରାଉତ*



ଦୁଃଖର ନଦୀରେ ଆସିଗଲେ ବନ୍ୟା
ଦୁଇ କୂଳ ସିଏ ଖାଏ
ତାର କୂଳେ ଛିଡା ଅହମିକା ଦମ୍ଭ
ବୃକ୍ଷଟି ସତ୍ତା ହରାଏ ।
ଧୂଳିରେ ଲୋଟଇ ମୁଣ୍ଡ ପିଟି ପିଟି
ଆଶା ଭରସା ବିଶ୍ୱାସ
ଉତ୍ତାଳ ତରଙ୍ଗ ମାଡି ଆସେ ଯେବେ
ମନେ ଭରଇ ହତାଶ ।
ଜୀବନ ସ୍ରୋତର ପ୍ରତିକୂଳେ ସଦା
ଧାଏଁ ସ୍ରୋତ ସମୟର
ସୁଖର ଆକାଶକୁ ଗିଳି ପକାଏ
ଆସି ଅମା ଅନ୍ଧକାର ।
ମନ ଅଗଣାରେ ବର୍ତ୍ତମାନ ଫୁଲ
ସୁଖାଇ ଦେଇ ତା ମୁହଁ
ଅବସାଦ ଘେରା ହୃଦୟରେ ଖାଲି
ଢାଳେ ଅସୁମାରୀ କୋହ ।
ତୃଷାର୍ତ୍ତ ସପନ ଆପଣା ଭାଗ୍ୟକୁ
ନିନ୍ଦେ ଅହରହ କାନ୍ଦି
ରାତିଟା ଆସେନା ଆଖିର ପଲକେ
ବିଷାଦରେ ହୋଇ ବନ୍ଦୀ ।
ମନ ହାଉଲେଇ ଭୁଲି ଯାଏ ପୁଣି
ଜୀବନ ଜିଇବା ମୋହ
ଆଖି ବି ବୁଝେନା ଆପଣାର ହୋଇ
ନିଗାଡେ ସେ ଖାଲି ଲୁହ ।
ହୃଦ ସିନା ବୁଝେ ଦୁଃଖର ଯନ୍ତ୍ରଣା
ରଙ୍ଗ ମାଖିବାର ଫଳ
ଓଠ ପିଇ ଢାଳେ ତତଲା ଲୁହକୁ
ଭାବି ଏ ପରୀକ୍ଷା ବେଳ ।
ଧୈର୍ଯ୍ୟ ଆଉ ସହନ ଶୀଳତା
ବୃକ୍ଷେଫୁଟଇ ସୁଖର ଫୁଲ
ଦୁଃଖର ଶିଉଳି ନିୟତିର ପାଦେ
ହରାଏ ଅଲୋଡା ମୂଳ ।
ମନଜ ଦୁଃଖର ଯେତେ ଝାଳ ସବୁ
ସୁଖ ଆଳଟ ଚାମରେ
ମଲା ଶବ ଦେହେ ଜୀବନ ସଞ୍ଚାରି
ଆଲୋକ ଢାଳେ ଅନ୍ଧାରେ ।

*ପ୍ରତାପ ନଗରୀ,କଟକ*
*ମୋ ୮୩୨୪୯୯୩୨୭୯୨*

## ରତୁରାଜ ଆଗମନେ

*ରମେଶ ଚନ୍ଦ୍ର ନାୟକ*



ଶୀତ ଲୁଚିଲାଣି ଖରା ହସିଲାଣି
ବାରତା ଦେଉଛି ଫଗୁଣ ,
ମୃଦୁ ମଳୟରେ ଏ ଧରା ଧାମରେ
ନାଚି ଉଠେ ତନୁ ଏ ମନ ॥
ଆମ୍ବ ବଉଳିଲା ମହକେ ବାସିଲା
ଚଉଦିଗେ ଗଲା ଚହଲି ,
କୁହୁ କୁହୁ ତାନେ ବସନ୍ତର କାନେ
ଗାଇଲା ସଙ୍ଗୀତ କୋଇଲି ॥
ଗଛ ପତ୍ର ମେଲି ହସେ ଖିଲି ଖିଲି
ହସଇ ପାହାଡ ନଈରେ ,
ସାରା ଦୁନିଆଟା ଖୁସି ହେଉଅଛି
ବସନ୍ତର ଚିଠି ପାଇରେ ॥
ପ୍ରୀତି ମହକରେ ଚଇତି ବାଆରେ
ପ୍ରେମ ପ୍ରଣୟର ସ୍ୱର୍ଶରେ ,
ନୀରସ ହୃଦୟ ଜାଗି ଉଠେ ଜଳି
ଶାଶ୍ୱତ ପ୍ରେମର ଅଗ୍ନିରେ ॥
ପିଲା ଠାରୁ ବୁଢ଼ା ସଭିଙ୍କ ପ୍ରାଣରେ
ସତେକି ଯୌବନ ଖେଳିଲା ,
ନଭେ ଦିବାକର ଶଶୀ ତାରାଗଣ
କାନ୍ତି ଦେଖି ଧରା ହସିଲା ॥
ପୁନେଇଁ ଆକାଶେ ପ୍ରେୟସୀର ପାଶେ
ଭିଜା ଜୋଛନାର ରାତିରେ ,
ରତୁରାଜ ତୁମେ ପ୍ରେମ ରତୁ ପରା
ମନରେ ଭରୁଛି ତାତିରେ ॥
ଫୁଲ ଫଳ ଆଦି ବଢାଏ ଶୋଭାଟି
ଦିଶେ ଧରା ନାଲି ନାଲିରେ ,
ସବୁଜିମା ଭରା ହସୁଅଛି ପରା
ଖିଲି ଖିଲି ମନ ଖୋଲିରେ ॥
ଦୋଳ ଯାତ ପାଇଁ ଗାଆଁ ସଜବାଜ
ହସି ଉଠେ ପଲ୍ଲୀ ଭୂଇଁରେ ,
ଶ୍ରୀରାଧା ଗୋବିନ୍ଦ ବିମାନରେ ବିଜେ
ସାଥେ ବନ୍ଧୁ ସଖା ନେଇରେ ॥

*କେଶରପୁର ,*
*ବକ୍ସି ବଜାର , କଟକ*
*ମୋ :- ୭୯୭୮୧୫୧୭୧୦.*

## ଝିଅ ମନର ଭାବନା

*ଜଗଦୀଶ ପଣ୍ଡା*



ସକାଳୁ ଉଠିଲେ ମୁହଁ ଦିଶେ
ତାର 'ଫ୍ରେସ'
ସବୁବେଳେ ଚାହେଁ ସେ
ଅନ୍ୟ ସହ କରିବାକୁ 'ରେସ'
ପିନ୍ଧିବାକୁ ଭଲପାଏ ସେ
ନୂଆ ନୂଆ 'ଡ୍ରେସ୍'
କରିବାକୁ ଚାହେଁ
ସମସ୍ତଙ୍କୁ 'ଇମ୍ପ୍ରେସ୍' ।
ସବୁବେଳେ ଲାଗେ ସେ 'କ୍ୟୁଟି'
ଭୁଲିଯାଏ ସଦା ତା'ର 'ଡ୍ୟୁଟି'
ସଭିଙ୍କଠୁ ଲାଗେ ସେ 'ପ୍ରିଟି'
ହେବାକୁ ଚାହେଁ ସେ
'କୁଇନ୍ ଅଫ୍ ବ୍ୟୁଟି' ।
ଦେଉଥାଏ ସେ ଅନ୍ୟକୁ 'ୱାର୍ନିଙ୍ଗ୍'
ସଦାବେଳେ ବାଳ ତା'ର
କରୁଥାଏ 'ସାଇନିଙ୍ଗ'
ଆଇନା ଧରି ବସି
ହେଉଥାଏ 'ପେଣ୍ଟିଙ୍ଗ'
ସବୁଠୁ କମ୍ ଧ୍ୟାନ ଦିଏ ସିଏ
କରିବାକୁ 'ଲର୍ଣ୍ଣିଙ୍ଗ' ।
ସବୁବେଳେ ଖରାପ କରେ
ଅନ୍ୟର 'ମାଇଣ୍ଡ'
ମନହୁଏ ରଖିବାକୁ କରି
ତା'କୁ 'ବାଇଣ୍ଡ'
ଦେଖୁଦେଖୁ କୁଆଡେ
ଉଡେଇଯାଏ ଯେମିତି 'ୱିଣ୍ଡ'
ଲୋକଙ୍କ କଥା ତା ମୁଣ୍ଡରେ ସଦା
ହେଉଥାଏ 'ରିମାଇଣ୍ଡ' ।

*ଅଲାଡିଗାଁ, ଗଂଜାମ*
*ମୋ:୬୩୭୧୨୭୮୧୬୩*

## ରୂପସୀ

*କବି କେଶବ ଚନ୍ଦ୍ର ନାୟକ*



ହେ ରୂପସୀ କନ୍ୟା ହସି ଦିଅ ଯେବେ
ଫଗୁଣ ଓହ୍ଲାଇ ଆସେ.....
ସବୁ ଲତା ଡାଳେ ଫୁଲ ଫୁଟି ଯାଏ
ଅତର ଅତର ବାସେ.... ! !
ତୁମେ ଚାଲିଗଲେ ଏଇ ଚଲା ପଥେ
ମଳୟ ପବନ ବହେ.....
ଲାଜ ଲାଜ ମୁହେଁ ହସର ପସରା
କୋଇଲି ସଂଗୀତ ଗାଏ.... ! !
କଞ୍ଚା ହଳଦିଆ ତନୁରେ ତୁମର
ରବିର କିରଣ ଝରେ....
ତୁମକୁ ସପନ ଦେଖେ ରାତି ଦିନ
ପାଇବାକୁ ମନ ଝୁରେ..... ! !
ହେ ମୋର ପ୍ରୟସୀ ଆଗୋ ମଦାଳଶୀ
ତୁମେ ମୋ ସରଗ ତାରା....
ତୁମ ମୋ ଜୀବନ ତୁମେ ମୋ ସ୍ପନ୍ଦନ
ମୋ ବାହୁରେ ଦିଅ ଧରା... ! !
ଏ ଦେହରେ ତୁମେ ଭରିଅଛ ମୋର
ପୀରତି ମଧୁର ନିଶା....
ଅଭୁଲା ମନ୍ତର ଦେଇଛ ମନରେ
ମନ୍ମଥ କରିଛି ବସା.... ! !
ମନ ବନ ମୋର କାମନା ନିଆଁରେ
ଜାଳି ପୋଡି ମାରେ କେତେ....
ପ୍ରୀତି ଜଳ ଢାଳି ରକ୍ଷା କର ପ୍ରିୟା
ଜୀବ ଦାନ ଦିଅ ମୋତେ.... ! !

*(ସଭାପତି,ଉତ୍କଳ ସାହିତ୍ୟ ସଂସଦ,ମାଲକାନଗିରି)*
*ମୋନଂ:୯୪୩୭୭୭୯୪୪୭*

## ସ୍ୱପ୍ନ

*ଜଗଜ୍ଜୀବନ ସା*



ବାହାରେ ଥଣ୍ଡା ପବନ,
ଶୀତ କାକର
ଆଉ
ପୁନେଇଁ ଜହ୍ନ ରାତି
ରୂପେଲି ରଙ୍ଗର ଧରା
ଆକାଶରେ ଭସାବାଦଲର ଲୁଚକାଳି
ମୁଁ
ଘର ଭିତରରେ
ଲାଇଟବଲ ଉକିଆରେ
ଚାରି ହାତିଆ ପଲଙ୍କ ଶେଯରେ
ନିଘୁଡ ନିଦରେ
କମ୍ବଳ ଭିତରେ
ଯୁଡୁବୁଡୁ ହୋଇ
ଗରମ ଅନୁଭବରେ
ରଙ୍ଗୀନ ସ୍ୱପ୍ନ ଦେଖେ ।
ସେପଟେ ଝିଅଟିଏ
ତେଲନଦୀ ସେତୁ ତଳେ
କଳକଳ ସ୍ରୋତ ସୁରେ
ଅର୍ଦ୍ଧବସନରେ
ହଲିଲା ଝିଲିମିଲି ପାଣିରେ
ମୁହେଁ ଛିଂଚି ମତେଚାହିଁ
ମୁଲୁକି ମୁଲୁକି ହସୁଥାଏ
ସକାଳର ସୂରୁଜ କିରଣରେ
ମୁଁ
ବାଲିଗଦା ନଈପଠା
ବନବୁଦା ବୃକ୍ଷମୂଳେ
ଭୟକରି
ମତେ ଦେଖି କିଏ କଣ
ଭାବିଦେବ ବୋଲି
ଏପଟେ ସେପଟେ
ଅନାଇ ଅନାଇ ଲୁଚି ଛପି
ତାକୁ ସଦା ଚାହିଁଥାଏ
ପ୍ରେମଭରା ଉନ୍ମାଦନା ନୟନରେ ।
କେହି ଜଣେ ଜୋର ଆୱାଜରେ
କହିଗଲା ମତେ
ଉଠ ଉଠ
ଶୋଇଛୁ ଏ ଯାଏଁ ।
ଅଧୁରା ସ୍ୱପ୍ନ ମୋର ଭାଙ୍ଗିଯାଏ
କଡମାଡ଼ି ଉଠିଲାବେଳକୁ
ଘର ଦୁଆର ମୁହଁରେ
ଅଜା ମୋର
ଦେହଥରା ଥଣ୍ଡାରେ
ନିଆଁ ଜାଳି ତାପୁଥାଏ ।

*କୁମ୍ଭାରି, ଗୋଲାମୁଣ୍ଡା*
*କଳାହାଣ୍ଡି (ଓଡିଶା) ।*
*ମୋ- ୮୦୧୮୫୩୭୨୮୮*




# ମହାପ୍ରଭୁଙ୍କ ଶୁଭବେଳା ଜଣାନ୍ତି ଖୁରି ନାୟକ



ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର କୁହନ୍ତି, ଶ୍ରୀମନ୍ଦିର ଜ୍ୟୋତିଷଙ୍କୁ ଖୁରି ନାୟକ ସେବକ ବୋଲି କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଖୁରି ନାୟକଙ୍କର ପ୍ରତିଦିନ ସେବା ରହିଛି। ୩୬୫ ଦିନର ସେବା କରନ୍ତି ସେ। ପରମ୍ପରା ଅନୁଯାୟୀ ପ୍ରତିଦିନ ମହାପ୍ରଭୁଙ୍କ ଅବକାଶ ସମୟରେ ଖୁରି ନାୟକ ସେବକ ବଡ଼ଦେଉଳ ଭିତରକୁ ଯାଆନ୍ତି। ବଡ଼ଦେଉଳ ଭିତରେ ପହଞ୍ଚି ବଲ୍ଲଭ ପୂଜା ନିକଟରେ ପାଞ୍ଜି ଦେଖି ମହାପ୍ରଭୁଙ୍କ ରାଶି ନକ୍ଷତ୍ର (ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କର ଶ୍ରବଣ ମକର, ଶ୍ରୀଜଗନ୍ନାଥଙ୍କର ରୋହିଣୀ ବୃଷ, ଦେବୀ ସୁଭଦ୍ରାଙ୍କର ଜ୍ୟେଷ୍ଠା ବିଛା) ପାଠ କରନ୍ତି। ମଣିମା ଏହି ରାଶି ନକ୍ଷତ୍ରର ଆଜି ଶୁଭ ବେଳା ଓ



ଅଶୁଭ ବେଳା ମଧ୍ୟ କହନ୍ତି। ଆଜି ଘାତ ଚନ୍ଦ୍ର ଅଛି କି ନାହିଁ ତାହା ମଧ୍ୟ ପଢ଼ନ୍ତି। ପୂର୍ବରୁ ଏହି ସବେକଙ୍କର ନବକଳେବରରେ ମଧ୍ୟ ଭୂମିକା ରହିଥିଲା। ୧୯୧୨ ମସିହାର ନବକଳେବର ହୋଇଥିଲା। ସେହି ନବକଳେବର ସମୟରେ ହଜାର ହଜାର ତୀର୍ଥଯାତ୍ରୀ ପହଞ୍ଚିଥିଲେ। ନବକଳେବରର ସୁରୁଖୁରୁରେ ସରିଥିଲା। ସେହି ନବକଳେବର ସମ୍ପର୍କରେ ମହାମୋହପାଧ୍ୟାୟ ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ଖଣ୍ଡକାବ୍ୟ ନବକଳେବର ଷଡ଼ଶୀତିରେ ବିଷଦ୍ ଭାବେ ଲେଖାଯାଇଛି। ଏହି ଖଣ୍ଡକାବ୍ୟଟି ୮୬ଟି ସଂସ୍କୃତ ଶ୍ଳୋକରେ ରଚିତ ହୋଇଛି। ଏଥିରେ ସେହି ବର୍ଷ ନବକଳେବରର ସମସ୍ତ ବିବରଣୀ ସ୍ଥାନ ପାଇଛି। ସେତେବେଳେ ଗଜପତି ଥିଲେ ଶ୍ରୀମୁକୁନ୍ଦ ଦେବ। ମନ୍ଦିର ପରିଚାଳକ ଥିଲେ ରାଜକିଶୋର ଦାସ।

ଏହି ଗ୍ରନ୍ଥର ଶ୍ଳୋକରୁ ସେହି ବର୍ଷ ନବକଳେବର ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ.ସୁରେନ୍ଦ୍ର ମିଶ୍ର କୁହନ୍ତି, ସେହିବର୍ଷ ନବକଳେବର ନୀତି ଆରମ୍ଭ ହୋଇଥିଲା। ନବକଳେବରର ଆଦ୍ୟପର୍ବ ବନଯାଗ ଯାତ୍ରା କେବେ ହେବ ଓ ବନଯାଗ ଯାତ୍ରା ଆରମ୍ଭ ବେଳେ ମହାପ୍ରଭୁଙ୍କ ରାଶି ନକ୍ଷତ୍ର କ'ଣ ରହିଛି, ଏହି ଯାତ୍ରା ଠିକ୍ ଭାବେ ହେବ କି ନାହିଁ ତାହା ଜାଣିବା ପାଇଁ ଶ୍ରୀମନ୍ଦିର ଜ୍ୟୋତିଷଙ୍କ ପରାମର୍ଶ ନିଆଯାଇଥିଲା। ସେ ମହାପ୍ରଭୁଙ୍କ ରାଶି, ନକ୍ଷତ୍ର ଦେଖି ଯେଉଁ ସମୟ କହିଥିଲେ ସେହି ସମୟରେ ବନଯାଗ ଯାତ୍ରା ଆରମ୍ଭ ହୋଇଥିଲା। ସେ ବର୍ଷ ଶ୍ରୀମନ୍ଦିର ଜ୍ୟୋତିଷଙ୍କ ପରାମର୍ଶରେ ବନଯାଗ ବିଧି ଆରମ୍ଭ ହୋଇ ଦଇତାପତିମାନେ ଦାରୁ ଅନ୍ୱେଷଣ ପାଇଁ ପ୍ରାଚୀ ନଦୀ କୂଳକୁ ଯାଇଥିଲେ। ଶାସ୍ତ୍ରୀୟ ମର୍ଯ୍ୟାଦା ଓ ଦଇତାପତିଙ୍କ କୌଳିକ ପରମ୍ପରା ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁର ସନ୍ଧାନ ମିଳିଥିଲା। ବୈଦିକ ବିଧି ଅନୁଯାୟୀ ଦାରୁ ଛେଦନ ହୋଇଥିଲା ଓ କ୍ରମାନ୍ୱୟରେ ଶ୍ରୀକ୍ଷେତ୍ରକୁ ଅଣାଯାଇଥିଲା। ସ୍ନାନ ପୂର୍ଣ୍ଣିମୀ ପରେ ପରେ ସଠିକ୍ ଲଗ୍ନ ଓ ମାହେନ୍ଦ୍ର ବେଳା ଦେଖି ଶ୍ରୀମନ୍ଦିର ଜ୍ୟୋତିଷ ପରାମର୍ଶ ଦେବାପରେ ଅଧିବାସ କର୍ମ ଆରମ୍ଭ ହୋଇଥିଲା। ପ୍ରକାଶ ଥାଉ କି ଘଟ ପରିବର୍ତ୍ତନ ପ୍ରକ୍ରିୟାର ଅଧିବାସ ହେଉଛି ମୁଖ୍ୟ କର୍ମ। ସେହିବର୍ଷ ଏହି ଅଧିବାସ କର୍ମରେ ମାହାରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶ୍ଳୋକ-୨୫) ଅଧିବାସ କର୍ମରେ ଗଜପତି ମହାରାଜାଙ୍କ ପକ୍ଷରୁ ରାଜଗୁରୁ ପ୍ରତିନିଧିତ୍ୱ କରିଥାନ୍ତି। ରାଜଗୁରୁ ଓ ଅନ୍ୟାନ୍ୟ ସେବକମାନଙ୍କ ଦ୍ୱାରା ଏହି କର୍ମ ସମ୍ପନ୍ନ କରାଇବା ହେଉଛି ମୁଖ୍ୟ କାର୍ଯ୍ୟ। ଅଧିବାସର ୧୪ଦିନ ସେହି ବର୍ଷ ଘଟ ପରିବର୍ତ୍ତନ ହୋଇଥିଲା। ଘଟ ପରିବର୍ତ୍ତନ ପରେ ତାହାଙ୍କୁ ପାତାଳୀ ଦିଆଯାଇଥିଲା। ସେହିବର୍ଷ ନବଯୌବନ ଦର୍ଶନ ହୋଇପାରିନଥିଲା। କୌଣସି ଅଘଟଣ ନଘଟି ରଥଯାତ୍ରାରେ ରଥଗୁଡ଼ିକ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଏହି ଖଣ୍ଡକାବ୍ୟରୁ ଜଣାଯାଏଯେ, ବଡ଼ଦାଣ୍ଡରେ ସର୍ବଭାରତୀୟ ସ୍ତରର ଆଖଡ଼ା ଓ ପ୍ରସିଦ୍ଧ ମଠ ମାନଙ୍କରେ ସେ ବର୍ଷ ଡେରା ପଡ଼ିଥିଲା। ଏହି ଡେରାଗୁଡ଼ିକରେ ସାଧାରଣରେ ଧର୍ମଚର୍ଚ୍ଚା, ଶାସ୍ତ୍ରାର୍ଥ, ସଂକୀର୍ତ୍ତନ ଚାଲିଥିଲା। ଡେରାଗୁଡ଼ିକରେ ଅତିଥି ଓ ତୀର୍ଥଯାତ୍ରୀମାନଙ୍କୁ ମାଗଣାରେ ମହାପ୍ରସାଦ ଦିଆଯାଉଥିଲା। ସେହି ବର୍ଷ ଶ୍ରୀସମ୍ପ୍ରଦାୟ ବା ରମାନୁଜାଚାର୍ଯ୍ୟଙ୍କ ସମ୍ପ୍ରଦାୟର ବିଖ୍ୟାତ ପଣ୍ଡିତ ଅନନ୍ତ ଆଚାର୍ଯ୍ୟ କାଞ୍ଚିପୁରମରୁ ଆସି ସଭାପତି ରୂପେ ନବକଳେବର ସେବା କରିଥିଲେ।

**ବିପିନବିହାରୀ ରାଉତ**, ଶ୍ରୀବିହାର କଲୋନୀ, କଟକ, ଦୂରଭାଷ: ୯୪୩୭୬୬୬୪୫୩, E-mail : bipinrout@rediffmail.com

# ନୂଆବଜାର ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ଦଶମ ଜଉକଣ୍ଢେଇ ହଳଦୀମଖା ଓ ବାହାଘର



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଲୋକକଳା ସଂସ୍କୃତି ଓ ପର୍ବ ଜଉକଣ୍ଢେଇକୁ ଉଜ୍ଜୀବିତ ରଖିବା ପାଇଁ ବାଲେଶ୍ୱରର ବହୁ ଅନୁଷ୍ଠାନ ଓ କମିଟି ଆଗେଇ ଆସିଥିବା ବେଳେ ସ୍ଥାନୀୟ ନୂଆବଜାର ବୀଣା ହୋଟେଲ ଗଳିରେ 'ନୂଆବାଜାର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି' ଦ୍ୱାରା ବିଶେଷ ଢ଼ଙ୍ଗରେ ନିଆରା ଓ ସ୍ୱତନ୍ତ୍ର ଶୈଳୀରେ ପାଳନ କରାଯାଇଆସୁଛି। ଏହି ଜଉକଣ୍ଢେଇ ବାହଘରରେ ମହିଳାମାନେ ବର କର୍ତ୍ତ୍ରୀ ଓ କନ୍ୟା କର୍ତ୍ତ୍ରୀ ହେଉଥିବା ବେଳେ ହଳଦୀମଖା ଓ ଗାଧୁଆ ପର୍ବ ଆକର୍ଷଣୀୟ ଭାବରେ ପାଳନ କରନ୍ତି। ଚଳିତ ବର୍ଷେ ବର କର୍ତ୍ତା ଭାବରେ ସଞ୍ଜୁଲତା ସାହୁ ତୁଲାଇଛନ୍ତି। ସର୍ବପ୍ରଥମେ ବରକନିଆ ଜଉକଣ୍ଢେଇକୁ ସଜାଇ ସକାଳ ୯ ଘଟିକାରେ ବର କନିଆ ଜଉକଣ୍ଢେଇକୁ ଗ୍ରାମର ମହିଳାମାନେ ହଳଦି ଲଗାଇ ଶୁଦ୍ଧ ପାଣିରେ ଗାଧୋଇବା ବେଳେ ସନ୍ଧ୍ୟାରେ ଜୟଦେବ ସହ ପଦ୍ମାବତୀର ବାହାଘର ଉତ୍ସବ ଅନୁଷ୍ଠିତ ହୋଇଅଛି। ବେହେରା ପରିଚାଳନା କରିଥିବା ବେଳେ ଲଭ୍ଲି, ଅନିତା ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ତପସ୍ୱିନି ବେହେରା, ଅନିତା ବେହେରା, ପଦ୍ମାବତୀ ବେହେରା, ନମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ହଳଦୀମଖା ଓ ଗାଧୁଆ ପର୍ବରେ ମୁଖ୍ୟ ଅତିଥି ଭାବରେ ୧୮ ନଂ ୱାର୍ଡ଼ରେ କାଉନସିଲର ଅର୍ପିତା ପ୍ରିୟଦର୍ଶନୀ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଜଉକଣ୍ଢେଇ ବାହାଘରର ମୁଖ୍ୟ ଆବାହକ ଶିଳ୍ପୀ କେଶୁ ଦାସ, ଚିଣ୍ଟୁ, ଅକ୍ଷୟ ନାୟକ, ଲତିଫା ବେଗମ୍ ଓ ସ୍ଥାନୀୟ ଗଣ୍ୟମାନ୍ୟ ଲୋକମାନେ ଉପସ୍ଥିତ ହୋଇଥିଲେ।

# ଯୁଗ୍ମ ଶ୍ରମ କମିଶନରଙ୍କ ସହ ଏଚ୍ଏମ୍ଏସ୍ ରାଜ୍ୟ ଉପସଭାପତିଙ୍କ ଆଲୋଚନା

ବ୍ରହ୍ମପୁର (ପିଏନ୍) : ବ୍ରହ୍ମପୁର ଠାରେ ଅବସ୍ଥାପିତ ରାଜ୍ୟ ଯୁଗ୍ମ କମିଶନର ଦିପ୍ତୀରଞ୍ଜନ ମହାନ୍ତିଙ୍କ ସହ ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସଭାପତି ରବି ରଥ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ମୁଖ୍ୟତଃ ଶ୍ରୀ ରଥ ଯୁଗ୍ମ ଶ୍ରମ କମିଶନର ସହ ବିଭିନ୍ନ କାର୍ଯ୍ୟାଳୟ ଯଥା ଗଞ୍ଜାମ ଜିଲ୍ଲାର ବିଭିନ୍ନ ଏନଏସି ଓ ମ୍ୟୁନିସିପାଲିଟିରେ ଆଉଟସୋର୍ସିଂରେ କାର୍ଯ୍ୟରତ କର୍ମଚାରୀଙ୍କ ଇପିଏଫ୍ ଓ ଇଏସ୍ଆଇ କଟା ଯାଉନଥିବା ଅଭିଯୋଗ ହେଉଛି ଏବଂ ଠିକାଦାରମାନେ ପାରିଶ୍ରମିକ ପ୍ରଦାନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏପ୍ରିଲ ପହିଲାରୁ ଶ୍ରମିକଙ୍କ ପାଇଁ ଲାଗୁ କରିଥିବା ସଂଶୋଧିତ ମଜୁରି କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଭାରତୀୟ ବିରଳ ମୃତ୍ତିକା (ଆଇଆରଇ), ମେଡିକାଲ, ମେହେନ୍ତର ସଂଘ, ବିଜୁଳି କର୍ମଚାରୀ ସଂଘ, ପରିବହନ କର୍ମଚାରୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୁଗ୍ମ ଶ୍ରମ କମିଶନର ଶ୍ରୀ ମହାନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ବାଲେଶ୍ୱର ଗସ୍ତ ଏବଂ ସମୀକ୍ଷା



ବାଲେଶ୍ୱର (ପିଏନ୍)-କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ବାଲେଶ୍ୱର ଗସ୍ତରେ ଆସି ଜିଲ୍ଲା କଲେକ୍ଟୋରେଟ୍‌ର ବିଭିନ୍ନ ଅନୁବିଭାଗ ଏବଂ କାର୍ଯ୍ୟାଳୟର ନିୟମିତ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କେନ୍ଦ୍ରାଂଚଳ ଆରଡିସି ଡ. ଦଳାଇ ବିଭାଗୀୟ କାର୍ଯ୍ୟାବଳୀ ଓ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବିଭାଗୀୟ ସମୀକ୍ଷା କାର୍ଯ୍ୟରେ ସେ ରାଜସ୍ୱ ଆଦାୟ, ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି, ସରକାରୀ ପ୍ରକଳ୍ପ ଓ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ । ବିଶେଷ କରି ରାଜସ୍ୱ, ଅବକାରୀ, ପରିବହନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅଧିକାରୀମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ । ସେହିପରି ଜଳାଶୟରୁ ଘରବାରି କିସମକୁ ପରିବର୍ତ୍ତିତ ହୋଇଥିବା ଜିଲ୍ଲାର ବିଭିନ୍ନ ଜମିର ସ୍ଥିତି ସମ୍ପର୍କରେ ସେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ସହରାଂଚଳ ନିର୍ବାହୀ ଅଧିକାରୀ ଓ କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆରଡିସିଙ୍କ ଦ୍ୱାରା ଏକ କ୍ୟାମ୍ପ କୋର୍ଟ ମଧ୍ୟ ଆୟୋଜିତ ହୋଇଥିଲା । ଅନ୍ୟାନ୍ୟ ବିଭାଗ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିବା ସହିତ ଉନ୍ନୟନମୂଳକ ପ୍ରକଳ୍ପ କାମସବୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଆରଡିସି ଡ. ଦଳାଇ ନିର୍ଦ୍ଦେଶ ଦେଇଥିଲେ ।

# ରାହାଳଠାରେ ମା' ସରସ୍ୱତୀ କଳାପୀଠ ଉଦ୍‌ଘାଟିତ



ଚଣ୍ଡିଖୋଲ (ପିଏନ)-ବଡ଼ଚଣା ବ୍ଲକ୍ ଅଣକା ପଂଚାୟତ ଅନ୍ତର୍ଗତ ରାହାଳ ଠାରେ ସଂଗୀତ, ନୃତ୍ୟ ଓ ବାଦ୍ୟ ପ୍ରଶିକ୍ଷଣ କେନ୍ଦ୍ର ମା ସରସ୍ୱତୀ କଳାପୀଠ ଉଦଘାଟିତ ହୋଇଯାଇଛି। ଗ୍ରାମାଚଂଳରେ ପିଲାମାନଙ୍କ ଲୁକାୟିତ କଳାପ୍ରତିଭାର ବିକାଶ ନିମନ୍ତେ ଏହି କଳାପୀଠ ସହାୟକ ହେବ। ଆଖପାଖ ଅଂଚଳରେ ଏଭଳି ଅନୁଷ୍ଠାନ ନଥିବାରୁ ଏହା ନିଶ୍ଚିତ ଭାବେ ଶିଶୁ କଳାକାରମାନଙ୍କୁ ଉତ୍କର୍ଷ କଳାର ବିକାଶ ନିମନ୍ତେ ଖୋରାକ ଯୋଗାଇବ ବୋଲି ଏଥିରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯାଜପୁର ଜିଲା ପାଲା ଗାୟକ ପରିଷଦର ସଂପାଦକ ଗୟାଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗୀତଜ୍ଞ ସୁଧାକର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ଦେବରାଜ ବେହେରା ଏଥିରେ ମୁଖ୍ୟ ଅତିଥି, ପ୍ରକୃତି ମିତ୍ର ଅନିଲ କୁମାର ଦାସ ମୁଖ୍ୟ ବକ୍ତା, ବରିଷ୍ଠ ଆଇନ୍‌ଜୀବୀ ରେଣୁବାଳା ମହାନ୍ତି, ମାଣ୍ଡୁକା ପଂଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋମନାଥ ନାୟକ, ଶାସ୍ତ୍ରୀୟ ସଂଗୀକାର ପବିତ୍ର କୁମାର ବଳ, କଣ୍ଠଶିଳ୍ପୀ ରଂଜନ ବାରିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଜ୍ୟୋତି ଶଙ୍କର ମହାପାତ୍ର, ପ୍ରାକ୍ତନ ସରପଂଚ ଗଣେଶ୍ୱର ସାମଲ, ବାନାମ୍ବର ଲେଙ୍କା, ବ୍ରଜସୁନ୍ଦର ନାୟକ, ନିରଞ୍ଜନ ସ୍ୱାଇଁ, ନବ କିଶୋର ନାୟକ, ଅନୁପ ଜେନା, ସୌମ୍ୟଜିତ୍ ନାୟକ, ଦିବ୍ୟଜ୍ୟୋତି ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଗ୍ରାମାଚଂଳରେ କଳାର ଉନ୍ନତି ଦିଗରେ ଏପରି ଏକ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଉତ୍ସବରେ ପାଲା ଗାୟକ ବାସୁଦେବ ମିଶ୍ର ମଙ୍ଗଳା ଚରଣ ପାଠ କରିଥିବା ବେଳେ କଳାପୀଠର ଅଧ୍ୟକ୍ଷ ବିମଳ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସଂପାଦକ ବିକ୍ରମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ଏହାର ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ସଂପାଦକ ପ୍ରକାଶ କରିଛନ୍ତି।

## ଭତ୍ତା ଅପେକ୍ଷାରେ ରୋଗଗ୍ରସ୍ତ ବାପ ଓ ଝିଅ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତର ଆୟବା ଗ୍ରାମର ରୋଗଗ୍ରସ୍ତ ବାପ ଓ ଝିଅ ଦୀର୍ଘଦିନ ହେଲା ଭତ୍ତା ଅପେକ୍ଷାରେ ଅତ୍ୟନ୍ତ ଦୁର୍ଦ୍ଦିନରେ ଜୀବନ ବିତାଉଥିବା ଅଭିଯୋଗ ହୋଇଛି । ସେହି ଗ୍ରାମର ୬୫ବର୍ଷ ବୟସର ଚନ୍ଦ୍ରମଣି ମଲିକ ଜଣେ ବରିଷ୍ଠ ନାଗରିକ ହୋଇଥିବା ବେଳେ ସେ ଆଣ୍ଠୁଗଣ୍ଠି ଓ ବାତରୋଗରେ ପିଡିତ ଅଛନ୍ତି । ସେହିଭଳି ତାଙ୍କ ଝିଅ ଛବି ମଲିକ (୩୬) ଶ୍ୱାସରୋଗରେ ପିଡିତ ହୋଇ ଅବିବାହିତା ଥାଇ ଜୀବନ ନିର୍ବାହ କରୁଛନ୍ତି । ଏହି ପରିବାରଟି ଅତ୍ୟନ୍ତ ଗରିବ ଓ ଦୁସ୍ଥ ଭାବେ ଜୀବନ ବିତାଉଥିବାବେଳେ ପ୍ରଶାସନ ପକ୍ଷରୁ ଏହି ବାପ ଓ ଝିଅଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି ।

## ଦ୍ୱାଦଶ ଜଉକଣ୍ଢେଇ ବାହାଘର ଉଦ୍‌ଘାଟିତ



ବାଲେଶ୍ୱର (ପିଏନ୍)-ଜଉକେଣ୍ଢଇ ବାହାଘରର ଉଦ୍ଘାଟନ ଉତ୍ସବ ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମଇ ୨୫ ତାରିଖ ସନ୍ଧ୍ୟାରେ ଆନ୍ତର୍ଜାତୀୟ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଏହି ଉତ୍ସବକୁ ଉଦ୍ଘାଟନ କରିଥିଲେ। ଶ୍ରୀ ସାହୁ ବାଲେଶ୍ୱର ଓଡ଼ିଆ କଳା ସଂସ୍କୃତିର ଏଂତୁଡ଼ିଶାଳ ଏହି ମାଟିର ପ୍ରତି କୋଣେ ଅନୁକୋଣେ କଳା ସାହିତ୍ୟ ଓ ସଂସ୍କୃତି ବିଦ୍ୟମାନ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ସଦର ବିଧାୟକ ସ୍ୱରୁପ ଦାସ, ଓଡ଼ିଶା ଶିଳ୍ପସଂଘର ସଭାପତି ଉଦୟ ନାଥ ମହାନ୍ତି ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବିଶିଷ୍ଟ ନାଟ୍ୟକର ଡ଼ଃ ପ୍ରଦୀପ ଭୌମିକ ବାଲେଶ୍ୱରୀ ଜଉକଳା ସମ୍ପର୍କରେ ଆଲୋକପାତ କରିଥିଲେ। ଜଉକଣ୍ଢେଇ ଉତ୍ସବର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ପାତ୍ର ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ କଥା ରେଖିଥିଲେ କେଶୁ ଦାସ। ମଇଁ ୨୯ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ଲୋକପର୍ବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ସହ ସମଗ୍ର ଓଡ଼ିଶାରୁ ବହୁ ଲୋକକଳା, ସଂସ୍କୃତି, ନୃତ୍ୟ ସଙ୍ଗୀତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା।

# ଜୀଅଁନ୍ତା ଗଛରେ କଣ୍ଟା ପିଟି ଝୁଲାଯାଉଛି ବିଜ୍ଞାପନ ଫଳକ




ଭୁବନେଶ୍ୱର (ପିଏନ୍): ସ୍ୱାର୍ଥପର ହୋଇଯାଇଛି ମଣିଷ। ଲାଭ ଓ ଲୋଭ ପାଇଁ ପ୍ରକୃତି ପ୍ରତି କରୁଛି ନିଷ୍ଠୁର ଆଚରଣ। ଏମିତି କ୍ରୁର ଆଚରଣର ଏକ ସଦ୍ୟତମ ନମୂନା ଦେଖିବାକୁ ମିଳୁଛି ସ୍ମାର୍ଟନଗରୀ ରାଜଧାନୀ ଭୁବନେଶ୍ୱରରେ। କେତେକ ଲୋଭୀ ବେପାରୀ ନିଜ ନିଜ କମ୍ପାନୀର ବିଜ୍ଞାପନ ଫଳକ ଝୁଲାଇବା ପାଇଁ ଜୀଅଁନ୍ତା ଗଛ ଦେହରେ ପିଟିଛନ୍ତି କଣ୍ଟା। ଲୁହାକଣ୍ଟାର କ୍ଷତରେ ଗଛ ସିନା ତାର ଯନ୍ତ୍ରଣା କହିପାରିଲାନି, ହେଲେ ତାର ଶୁଖିଲା ଡ଼ାଳ ସୂଚାଇ ଦେଉଛି କିଭଳି ହୋଇଛି ହାଲ୍। ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଶୈଳଶ୍ରୀ ବିହାର, ପଟିଆ, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳର ରାସ୍ତା ପାର୍ଶ୍ୱରେ ମଣିଷଙ୍କ ଏଭଳି ଭାବେ ନିର୍ଦ୍ଦୟତାର ସାମ୍ନା କରିଛି ଗଛ। କେଉଁ ଗଛରେ ଗୋପନରେ ମଦ ନିଶା ଛଡ଼ାନ୍ତୁ, ଗୁପ୍ତରୋଗ, ସେକ୍ସ ସମସ୍ୟାର ବିଜ୍ଞାପନ ତ ଆଉ କେଉଁଠି ଝୁଲୁଛି ଓଜନ ଓ ପେଟ କମାନ୍ତୁ, ସୁସ୍ଥ ରୁହନ୍ତୁ ଇତ୍ୟାଦିର ବିଜ୍ଞାପନ ତ ଆଉ କେଉଁ ଗଛରେ ଏକାଧିକ ଲୁହା କଣ୍ଟା ପିଟାଯାଇ ଗଛଟିକୁ ଅକାଳ ମୃତ୍ୟୁଦଣ୍ଡ ଦିଆଯାଇଛି। ଗୋଟିଏ ପଟେ ଗଛକୁ ଦେବତା କହି ପୂଜା କରାଯାଉଥିବା ବେଳେ ଅନ୍ୟପଟେ ଦେବଦୂତ ଯୀଶୁଙ୍କୁ କ୍ରୁଶବିଦ୍ଧ କଲାଭଳି ବୃକ୍ଷଦେବତାଙ୍କ ଛାତିରେ ପିଟାଯାଇଛି କଣ୍ଟା। ନିଜ ଲାଭ ପାଇଁ ସହରର ସବୁଜିମାକୁ ନଷ୍ଟ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କ ପ୍ରତି ସରକାର କଠୋର ଆଭିମୁଖ୍ୟ ପୋଷଣ କରନ୍ତୁ ବୋଲି ବିଶ୍ୱ ପରିବେଶ ଦିବସରେ ଦାବି କରିଛନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ କୁମାର୍ ସାହୁ। ନଚେତ୍ ଏମାନେ ବୃକ୍ଷର ବଂଶ ବୁଡ଼ାଇଦେବେ। ଆମେ କହୁ ବୃକ୍ଷ ହିଁ ଜୀବନ, ବୃକ୍ଷ ଆମର ବନ୍ଧୁ, ଗଛଟିଏ ଲୋକଟିଏ। କିନ୍ତୁ ରାତି ପାହିଲେ ତା ପ୍ରତି କରୁ ଆତ୍ମଘାତୀ କାର୍ଯ୍ୟ। ଜଗନ୍ନାଥ ଭୂମିରେ ଯେଉଁଠି ଦାରୁ ରୂପରେ ମହାପ୍ରଭୁ ବିଦ୍ୟମାନ, ସେଠାରେ ଏ ବିଚରରେ ବିଭ୍ରାଟ କାହିଁକି ବୋଲି ଶ୍ରୀ ସାହୁ ପ୍ରଶ୍ନ ଉଠାଇଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ଆକ୍ଟ ପରି ବୃକ୍ଷମାନଙ୍କ ପ୍ରତି ସେମିତି ସରକାର ନିୟମ ଜାରି କରନ୍ତୁ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।




## ଉଷୁମା ଆଶ୍ରମ ଗଣ୍ଡଗୋଳରେ ୪ ଗିରଫ



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ଅନ୍ତର୍ଗତ ଦକ୍ଷିଣ ଉଷୁମା ଗ୍ରାମରେ ଥିବା ଏକ ଆଶ୍ରମ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦକ୍ଷିଣ ଉଷୁମା ଗ୍ରାମର ନକୁଳ ଭୋଇ ପୁଅ ପ୍ରତାପ ଭୋଇ (୩୬), ବିଶ୍ୱନାଥ ବାରିକ ପୁଅ ଦିବ୍ୟକାନ୍ତ ବାରିକ (୨୮), ସୁମାଣ୍ଡି ଗ୍ରାମର ଦଇତାରୀ ଭୋଇଙ୍କ ଦୁଇ ପୁଅ ତପନକୁମାର ଭୋଇ (୩୪) ଓ ବିପିନ ଭୋଇ (୩୧)। ଥାନା ସୂତ୍ରରୁ ଜଣାପଡ଼ିଛି ଯେ, ଦକ୍ଷିଣ ଉଷୁମା ମୌଜାରେ ଥିବା ବେଦଧାମ ଆଶ୍ରମରେ ଗତ ୧୫ ତାରିଖ ରାତିରେ କିଛି ଦୁର୍ବୃତ୍ତ ବଳ ପୂର୍ବକ ପ୍ରବେଶ କରି ଆଶ୍ରମରେ କାର୍ଯ୍ୟରତ ଶ୍ରମିକ ଓ ଯୋଗଗୁରୁଙ୍କୁ ଆକ୍ରମଣ କରିଥିଲେ। ଆଶ୍ରମର ବ୍ରହ୍ମଚାରୀ ଜୟନ୍ତ କୁମାର ସାହୁ (୪୨) ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଥିଲା। ପୁଲିସ୍ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

## ସମାଜସେବୀଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଂଜଳି ସଭା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ନାକପୋଲ ଗ୍ରାମର ସମାଜସେବୀ ସ୍ୱର୍ଗତଃ ନୀଳମଣି ସ୍ୱାଇଁଙ୍କ ପ୍ରଥମ ବାର୍ଷିକ ସ୍ମୃତି ଶ୍ରଦ୍ଧାଂଜଳି ସଭା କାହ୍ନୁ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଆଇନଜୀବୀ ରାମଚନ୍ଦ୍ର ରାୟ, ସରପଂଚ ତ୍ରିଲୋଚନ ଜେନା, ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ, ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସ୍ୱାଇଁ ଜଣେ ସ୍ନେହୀ, ଦରଦୀ, ପରୋପକାରୀ, ଅନୁଷ୍ଠାନପ୍ରେମୀ ଓ ମିଷ୍ଟାଭାସୀ ଥିଲେ ବୋଲି କହିଥିଲେ । ଅତିଥିମାନେ ଶ୍ରଦ୍ଧା ସୁମନ ଜଣାଇ ତାଙ୍କର ଗୁଣାବଳି ବର୍ଣ୍ଣନା କରିଥିଲେ । ତାଙ୍କ ପୁତ୍ର ବଟକୃଷ୍ଣ ସ୍ୱାଇଁ ଓ ନଟବର ସ୍ୱାଇଁ କୃତଜ୍ଞତା ଜଣାଇଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phaggun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ କନିଷ୍ଠ : ରେଡ଼କ୍ରସ ଅଧ୍ୟୟନ ଓ ତାଲିମ ଶିବିର ଉଦଯାପିତ

ସୁବର୍ଣ୍ଣପୁର, (ପି.ଏନ): ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ୧୬ ତମ ଜିଲ୍ଲା ସ୍ତରୀୟ ଜୁନିଅର ରେଡ଼କ୍ରସ ଅଧ୍ୟୟନ ଓ ତାଲିମ ଶିବିର ୨ ମାର୍ଚ୍ଚ ଓ ୩ ମାର୍ଚ୍ଚ ଦୁଇ ଦିନ ଧରି ଆୟୋଜିତ ହୋଇଯାଇଛି। ଜୁନିଅର ରେଡ଼କ୍ରସ ପରିବାର ସହ ଜୀବନ ସାରା ଯୋଡି ହୋଇଥିବା ପୂର୍ବତନ ଜୁନିଅର ରେଡ଼କ୍ରସ ଅଫିସର ଧରମ ସିଂ ମିଶ୍ର ପତାକା ଉତୋଳନ କରି ଶିବିରକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତିନିଧି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜୁନିଅର ମାନଙ୍କୁ ସେବା ମନୋଭାବରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଧରମ ସିଂ ମିଶ୍ର ପ୍ରଶିକ୍ଷଣକୁ ଜୀବନରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସହ-ଜିଲ୍ଲା ଶିକ୍ଷା ଅଧିକାରୀ, ସୁବର୍ଣ୍ଣପୁର ଡ଼.ରାଧାକାନ୍ତ ଗଡତିଆ ଏବଂ ଶ୍ରୀମତୀ ମଞ୍ଜୁଲତା ଭୋଇ ସେବା ଓ ବନ୍ଧୁତା ଭାବକୁ ଆଗକୁ ବଢେଇବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ।

ଜୁନିଅର ରେଡ଼କ୍ରସ ଅଧିକାରୀ ଶ୍ରୀ ରବି ଚନ୍ଦ୍ର ପଶାୟତ ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଗ ମଂଚ ପରିଚାଳନା କରିଥିଲେ। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ, କିଡ଼ସ ଇଂରାଜୀ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଦାଶ ଓଡିଶୀ ନୃତ୍ୟ ମାଧ୍ୟମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ସାଧନ କର୍ମୀ ଝସକେତନ ମେହେର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାର ୧୧୪ ଟି ବିଦ୍ୟାଳୟରୁ ୧୧୪ ଜଣ ପରାମର୍ଶଦାତା, ୧୩୦ ଜଣ ବାଳକ ଜୁନିଅର ଏବଂ ୧୭୯ ଜଣ ବାଳିକା ଜୁନିଅର ଯୋଗଦାନ କରିଥିଲେ।ଆଜି ଦ୍ୱିତୀୟ ଦିନ ସକାଳରୁ ପ୍ରାର୍ଥନା, ଯୋଗ, ପ୍ରାଣାୟାମ ସହ ସର୍ବଧର୍ମ ପ୍ରାର୍ଥନାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ପ୍ରସନ୍ନ ଶତପଥୀ ଓ ଯୋଗ ଗୁରୁ ହୃଷିକେଶ ଦେହୁରୀ ଯୋଗଦାନ କରି ସୁସ୍ଥ ଜୀବନ ଶ୍ରେଷ୍ଠ ଜୀବନର ବାର୍ତା ପ୍ରଦାନ କରିଥିଲେ। ପରେ ସହରରେ ରେଡ଼କ୍ରସର ବାର୍ତା ପହଂଚାଇବା ପାଇଁ ଏକ ଶାନ୍ତି ଶୋଭାଯାତ୍ରା ବାହାରିଥିଲା। ଉକ୍ତ ଶୋଭଯାତ୍ରାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସହ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ. ରାଧାକାନ୍ତ ଗଡତିଆ, ଜୁନିଅର ରେଡ଼କ୍ରସର ଉପ ସଭାପତି ଗତିକୃଷ୍ଣ ମିଶ୍ର, ଜୁନିଅର ରେଡ଼କ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ, ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ମାର୍ଗଦର୍ଶକ, ବାଳକ ଜୁନିଅର ଓ ବାଳିକା ଜୁନିଅର ଯୋଗଦାନ କରିଥିଲେ। ପୁନଶ୍ଚ ଜିଲ୍ଲା ସାଧନ କର୍ମୀ ମାନେ ପ୍ରାଥମିକ ଚିକିତ୍ସା, ଦୁର୍ଘଟଣା ସମୟରେ ସେବା ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଜୁନିଅର ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଜୁନିଅର ରେଡକ୍ରସ ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିବା ବେଳେ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ଗଡତିଆ ତଥା ଶ୍ରୀମତୀ ଭୋଇ ଓ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ଓ ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ କମଳିନୀ ଶତପଥୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଜୁନିଅର ରେଡକ୍ରସ ମୁଖପତ୍ର 'ଉତ୍ସର୍ଗ ' କୁ ଉନ୍ମୋଚନ କରାଯାଇଥିଲା। ତା ସହିତ ଶିବିର ଜୁନିଅର ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଶ୍ରୀ ପଶାୟତ ଶିବିରର ବିବରଣୀ ପ୍ରଦାନ କରିଥିଲେ । ମେଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରକୁ ଜିଲ୍ଲାର ବିଭିନ୍ନ ଜୁନିଅର ରେଡକ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀ ମାନେ ପରିଚାଳନା କରିଥିଲେ ।

## କଲରାପତରିଆ ବାଘର ଗର୍ଜନ ଶୁଭୁନି, ମିଳୁନି ଖୋଜ ଖବର

କଲରାପତରିଆ ବାଘର ଗର୍ଜନ ଶୁଭୁନି, ମିଳୁନି ଖୋଜ ଖବର

ରାଉରକେଲା, (ପି.ଏନ), ସୁନ୍ଦରଗଡ ଜିଲ୍ଲା ବଡଗାଁ ଅଂଚଳର ଏକ ପାହାଡ ପାଖରେ ବୁଲୁଥିବା କଲରାପତରିଆ ବାଘ ବିଗତ ୨ ଦିନ ଧରି ସାଧାରଣରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଜଙ୍ଗଲ ବିଭାଗ ୨ ଦିନ ଧରି ସେହି ଅଂଚଳରେ ବୁଲୁଥିଲେ ମଧ ତାର କୌଣସି ଖୋଜ ଖବର ପାଉନାହିଁ ଓ ତାର ଗର୍ଜନ ମଧ ଆଉ ଶୁଭୁନାହିଁ, ହେଲେ ବାଘ କୁଆଡେ ଗଲା କେଉଁଠି ଅଛି, ସେନେଇ କୌଣସି ସ୍ୱଷ୍ଟ ସୂଚନା ମିଳୁନଥିବାରୁ ଦିନ ରାତି ଜଙ୍ଗଲ ବିଭାଗ କର୍ମଚାରୀ ମାନେ ସେହି ଆଖ ପାଖରେ ବୁଲି ନାକେଦମ ହୋଇଥିବା ଖବର ମିଳିଛି ।୨ ଦିନ ତଳେ ବାଘଟି ସେହି ପାହାଡ ଓ ଆଖ ପାଖ ଗାଁ ର ଛୋଟ ଛୋଟ ଜଙ୍ଗଲରେ ବୁଲୁଥିବା ନେଇ ଜଣାପଡିବା ପରେ ବନବିଭାଗ ପକ୍ଷରୁ ଏହାକୁ ଧରିବା ଓ ଲୋକଙ୍କୁ ସୁରକ୍ଷା ଦେବା ଲାଗି

ରାଉରକେଲା, (ପି.ଏନ), ସୁନ୍ଦରଗଡ ଜିଲ୍ଲା ବଡଗାଁ ଅଂଚଳର ଏକ ପାହାଡ ପାଖରେ ବୁଲୁଥିବା କଲରାପତରିଆ ବାଘ ବିଗତ ୨ ଦିନ ଧରି ସାଧାରଣରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଜଙ୍ଗଲ ବିଭାଗ ୨ ଦିନ ଧରି ସେହି ଅଂଚଳରେ ବୁଲୁଥିଲେ ମଧ ତାର କୌଣସି ଖୋଜ ଖବର ପାଉନାହିଁ ଓ ତାର ଗର୍ଜନ ମଧ ଆଉ ଶୁଭୁନାହିଁ, ହେଲେ ବାଘ କୁଆଡେ ଗଲା କେଉଁଠି ଅଛି, ସେନେଇ କୌଣସି ସ୍ୱଷ୍ଟ ସୂଚନା ମିଳୁନଥିବାରୁ ଦିନ ରାତି ଜଙ୍ଗଲ ବିଭାଗ କର୍ମଚାରୀ ମାନେ ସେହି ଆଖ ପାଖରେ ବୁଲି ନାକେଦମ ହୋଇଥିବା ଖବର ମିଳିଛି ।୨ ଦିନ ତଳେ ବାଘଟି ସେହି ପାହାଡ ଓ ଆଖ ପାଖ ଗାଁ ର ଛୋଟ ଛୋଟ ଜଙ୍ଗଲରେ ବୁଲୁଥିବା ନେଇ ଜଣାପଡିବା ପରେ ବନବିଭାଗ ପକ୍ଷରୁ ଏହାକୁ ଧରିବା ଓ ଲୋକଙ୍କୁ ସୁରକ୍ଷା ଦେବା ଲାଗି ଅବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଦୁଇ ଦିନ ଧରି ଗାଁ ଗାଁ ରେ ଲୋକେ ନିଆଁ ଜାଳି ରାତିରେ ଉଜାଗର ରହିଲେ, ବନ ବିଭାଗ ମଧ ସମସ୍ତ କର୍ମଚାରୀ ମାନଙ୍କୁ ସଜାଗ ରଖିଥିଲା । ଥରେ ବାଘଟି ପାଣି ପିଇବାକୁ ଆସିଥିବା ନେଇ ତାର ପାଦ ଚିହ୍ନରୁ ଜଣା ପଡିଥିଲା। ପରେ ବିଭିନ୍ନ ଲୋକଙ୍କ ବାଡିରେ ପଶିଥିବା ଭିଡଓରୁ ଜଣାପଡିଥିଲା, ହେଲେ ବନ ବିଭାଗ ତାକୁ ଧରିବା ଲାଗି କରିଥିବା ସମସ୍ତ ଉଦ୍ୟମ ବିଫଳ ହୋଇଥିଲା । ଗତକାଲି ଯାଏ ତାକୁ ଜଗି ରହିବା ସହ ବନ ବିଭାଗ କିଛି ଖବର ନପାଇ ଗାଁ ଗାଁ ରେ ଲୋକଙ୍କୁ ସଚେତନ କରାଇ ପାଖ ପାଣି ଅଂଚଳ ଜଙ୍ଗଲ ଉପରେ ନଜର ରଖିଛି । ସେପଟେ ବାଘକୁ ନେଇ ଲୋକଙ୍କ ଭିତରେ ଏବେ ବି ଭୟ ରହିଛି । ତେବେ ବନ ବିଭାଗର ଜଣେ କର୍ମଚାରୀଙ୍କ କହିବା କଥା, ଲୋକେ ପୂର୍ବଭଳି ଜଙ୍ଗଲକୁ ଯିବା ସହ ଘରୋଇ ଛେଳି ଗାଇ ଗୋରୁଙ୍କୁ ଚରିବା ଲାଗି ଛାଡୁଛନ୍ତି । ବାଘଟି ପଡୋଶୀ ରାଜ୍ୟ ଜଙ୍ଗଲ ଯାହାକି ଓଡିଶା ସୀମାରୁ ପ୍ରାୟ ୧୦ କି.ମି. ଦୂରରେ ରହିଛି, ହୁଏତ ସେହି ଜଙ୍ଗଲ ମୁହାଁ ହୋଇ ବଡ ଗାଁ ଅଂଚଳ ଛାଡି ଦେଇଥିବା ଅନୁମାନ କରାଯାଉଛି । ସେଥିଲାଗି ପାଣିଥିବା ,ଗାଁରେ ତା ପାଦ ଚିହ୍ନ ଦେଖାଯାଉନି କିମ୍ବା ତାର ଗର୍ଜନ ମଧ ଶୁଭୁନି, ତଥାପି ବନ ବିଭାଗ ପକ୍ଷରୁ ବାଘକୁ ଜଗା ଯାଇଛି । ଏଠାରେ ଗୋଟିଏ କଥା ଯେଉଁ ବାଘ ଥରେ ଯଦି ରାସ୍ତା ଭୁଲି ଏହି ଅଂଚଳକୁ ଆସିଥିଲା ଓ ଚାଲିଯାଇଛି ସେ ଯେ ଆଉନଆସିବ ତାହା କହିବ କିଏ, ଯଦି ପୁଣି କିଛି ଦିନ ଓ ସମୟ ପରେ ଫେରେ ସେତେବେଳେ କଣ କରାଜିବ, ଲୋକଙ୍କୁ ସୁରକ୍ଷା ଦେବ କିଏ । ବଡ ଗାଁ ର ଏହି ଅଂଚଳର ଲୋକେ ନିଜ ଗାଁରେ ରହିବା ସହ ଖୋଲା ଖୋଲି ଘରୋଇ ପଶୁଙ୍କୁ ଧରି ଚାରାଇବାକୁ ଯାଇଥାନ୍ତି । ଘର ମଧ ପ୍ରାୟ ଖୋଲା ରହିବା ସହ ପିଲା ମାନେ ନିର୍ଭୟରେ ବାହାରେ ଖେଳା ବୁଲା କରନ୍ତି ମୋଟା ମୋଟି ନିଜ ଭିଟା ମାଟିରେ ଶାନ୍ତିରେ ରୁହନ୍ତି, ତେବେ ହଠାତ ଏଭଳି ବାଘ ସେ ଅଂଚଳରେ ବୁଲିବା ଓ ଆଉ ଏବେ ତାର ଖୋଜ ଖବର ନମିଳିବାକୁ ନେଇ ସେମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଛି । ବନ ବିଭାଗ ସେମାନଙ୍କୁ କିପ୍ରକାର ସାନ୍ତ୍ୱନା ଦେଇ ସେମାନଙ୍କ ଜୀବନ ଯାପନକୁ ସାଧାରଣ କରିବ ତାହା ଦେଖିବାକୁ ବାକି ରହିଲା ।

# ନୂତନ ହସପିଟାଲ ନିର୍ମାଣ ସମ୍ବନ୍ଧେ ପଦିଆପାଲୀ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ ଅନ୍ତର୍ଗତ ପଦିଆପାଲୀ ଗ୍ରାମରେ ଆଜି ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ଗ୍ରାମସଭା ବୈଠକରେ କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢୀ ସଭାପତିତ୍ୱ କରିଥିଲା ବେଳେ ଏଥିରେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଖଇରପୁଟ ବ୍ଲକ ବିଧାୟକ ପ୍ରତିନିଧି ସାଧୂ ହନ୍ତାଳ, କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରେବତୀନାଥ ମାଝୀ, ରାଜସ୍ୱ ବିଭାଗ ତରଫରୁ ସହକାରୀ ରାଜସ୍ୱ ନିରୀକ୍ଷକ ତ୍ରୀନାଥ ପ୍ରଧାନ, ଜଙ୍ଗଲ ବିଭାଗ ପକ୍ଷରୁ କୁଡୁମୁଲୁଗୁମ୍ମା ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗ, ଜିଆରଏସ୍ ଦେବେନ୍ଦ୍ର ଖେମୁଣ୍ଡୁ, ସମାଜସେବୀ ଭଗବାନ ସାହୁ, ତ୍ରିନାଥ ସଗରୀଆ, ଗଣେଶ୍ୱର ପୂଜାରୀ, ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭାରେ ସମସ୍ତ ରାଜସ୍ୱ ଗ୍ରାମର ୱାର୍ଡ ସଭ୍ୟ ସଭ୍ୟା, ଆଶା ଓ ଅଙ୍ଗନବାଡ଼ି କର୍ମୀ ମାନଙ୍କ ସହ ପଦିଆପାଲୀ ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ମାନେ ଉପସ୍ଥିତ ଥିଲେ । ବୈଠକରେ ସଭାପତି ମଙ୍ଗଳା ମାଢୀ କହିଥିଲେ ଯେ, ପଦିଆପାଲୀ ଗ୍ରାମରେ ଏକ ୩୦ ଶଯ୍ୟା ବିଶିଷ୍ଟ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ସରକାରଙ୍କ ଠାରୁ ପ୍ରସ୍ତାବ ଆଗତ ହୋଇଛି, ଯାହାକୁ ସେ ଆଜିର ଗ୍ରାମସଭାରେ ସର୍ବସମ୍ମତି କ୍ରମେ ଗୃହୀତ କରାଯିବା ପାଇଁ ଅନୁରୋଧ କରିଥିଲେ । ସଭାରେ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ କହିଛନ୍ତି ଯେ, ଅନେକ ସଘର୍ଷ ପରେ କୁଡୁମୁଲୁଗୁମ୍ମା ପାଇଁ ସୌଭାଗ୍ୟର ଦିନ ଆସିଛି, ଏହି ହସ୍ପିଟାଲ ନିର୍ମାଣ ହେଲେ ରୋଗୀ ମାନଙ୍କୁ ଆଉ ଅନ୍ୟତ୍ର ଯିବାକୁ ପଡ଼ିବନି ଓ ଏହିଠାରେ ହିଁ ସବୁ ପ୍ରକାର ଚିକିତ୍ସା ସମ୍ଭବ ହୋଇପାରିବ । ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ କହିଛନ୍ତି ଯେ, ଏହି ହସ୍ପିଟାଲ ନିର୍ମାଣ ହେଲେ ଏ ଅଂଚଳ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବ୍ୟାପକ ସ୍ତରରେ ଗରୀବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ହୋଇପାରିବ । ଶେଷରେ ବିଧାୟକ ପ୍ରତିନିଧି ସାଧୂ ହନ୍ତାଳ ଦାବି କରି କହିଛନ୍ତି ଯେ, ନୂତନ ହସ୍ପିଟାଲ ପାଇଁ ଚିହ୍ନଟ ହୋଇଥିବା ଜାଗା ସମ୍ମୁଖରେ ଥିବା ଜାଗାକୁ ବହୁତ ଜବରଦଖଲକାରୀ ନିଜ କବଜାରେ ରଖିଛନ୍ତି, ଯାହା ଫଳରେ ଭବିଷ୍ୟତରେ ଏକ ବିରାଟ ସମସ୍ୟା ଉପୁଜିବ ଏଣୁ ଉକ୍ତ ଜାଗା ଗୁଡ଼ିକୁ ସମ୍ପୃକ୍ତ ଜବର ଦଖଲକାରୀଙ୍କ କବଜାରୁ ମୁକୁଳାଇବା ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କୁ ଅନୁରୋଧ କରିବା ସହ ଆସନ୍ତା ଦିନରେ ଏହି ହସ୍ପିଟାଲରେ ହେବାକୁ ଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାରେ ଯେପରି କୁଡୁମୁଲୁଗୁମ୍ମାର ଶିକ୍ଷିତ ବେକାରୀ ଯୁବବର୍ଗ ମାନଙ୍କୁ ସ୍ଥାନ ମିଳିବ ସେଥିପାଇଁ ଗୁରୁତ୍ୱାରୋପ କରିଥିଲେ । ପଦିଆପାଲୀ ଗ୍ରାମରେ ସ୍ଥାନୀୟ ଲୋକମାନେ ମଧ୍ୟ ଅନୁରୂପ ପ୍ରସ୍ତାବ ମାନ ଦେଇଥିଲେ ଯାହାକୁ ପିଇଓ ଶ୍ରୀ ମାଝୀ ଲିପିବଦ୍ଧ କରିଥିଲେ ଓ ଏହାପରେ ସରପଞ୍ଚ ସଭାସାଙ୍ଗର ଘୋଷଣା କରିଥିଲେ ।

# ବୀରହରେକୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ପୁରୀ, (ପି.ଏନ): ବୀରହରେକୃଷ୍ଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶିକ୍ଷାନୁଷ୍ଠାନ ଗୁଡିକ ମଣିଷ ଗଢା କାରଖାନା ବୋଲି କହିଥିଲେ।୧୯୭୨ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଏହାର ସ୍ଥିତି ଓ ବର୍ତମାନର ସ୍ଥିତି ମଧ୍ୟରେ ଅନେକ ପ୍ରଭେଦ। ଭିତିଭୂମିର ବିକାଶ ହୋଇଛି। ତେବେ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ସେ ଅନୁରୋଧ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଶିକ୍ଷାନୁଷ୍ଠାନକୁ ମନ୍ଦିର ବୋଲି ଅଭିହିତ କରିବା ସହ ଉନ୍ନତ ଚରିତ୍ର ଗଠନ ଓ ଶୃଙ୍ଖଳା ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କର ଧେୟ ହେବା ଉଚିତ ବୋଲି କହିଥିଲେ। ସପ୍ତାହରେ ଅନ୍ତତଃ ଗୋଟିଏ ପିରିୟଡ଼କୁ ନୈତିକ ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ପାଇଁ ଉପଯୋଗ ଉପରେ ସେ ଆହ୍ୱାନ ଦେଇଥିଲେ। ଏମ୍ସର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆର ଭାଇସ ଚାନସେଲର ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ପ୍ରତି ଶିକ୍ଷାନୁଷ୍ଠାନରୁ ଭଲ ମଣିଷ ସୃଷ୍ଟି ହୁଅନ୍ତୁ ବୋଲି ମତ ଦେଇଥିଲେ। କେବଳ ଜ୍ଞାନ ଆହରଣ ବା ଡିଗ୍ରୀ ପାଇଁ ନୁହେଁ ମୂଲ୍ୟବୋଧ, ସଂସ୍କାର, ଉନ୍ନତ ଚରିତ୍ର ଗଠନ, ଦେଶପ୍ରେମ, ସକରାତ୍ମକ ଭାବନା, ନୂତନ ଗବେଷଣା ଓ ସୃଜନାତ୍ମକ ପ୍ରକ୍ରିୟା ମାଧ୍ୟମରେ ସାମାଜିକ ଅଭିବୃଦ୍ଧିର ବିକାଶ ହେବା ଜରୁରୀ।ସାମାଜିକ, ଶାରୀରିକ, ଆଧ୍ୟାତ୍ମିକ ଓ ମାନସିକ ସନ୍ତୁଳନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ବକ୍ତା କିଟ୍ ବିଜ୍ଞାନ କଲେଜର ଅଧ୍ୟକ୍ଷ ଡଃ. ଚିତରଞ୍ଜନ ମିଶ୍ର ପୂର୍ବାପେକ୍ଷା ଶିକ୍ଷାନୁଷ୍ଠାନର ଭିତିଭୂମିରେ ଅନେକ ବିକାଶ ଘଟିଥିଲା ବେଳେ ମୂଲ୍ୟବୋଧଭିତିକ ଶିକ୍ଷାର ଅବକ୍ଷୟ ଘଟୁଛି। ପୁଣି ଉନ୍ନତ ମାନର ଶିକ୍ଷା ପାଇଁ ଶିକ୍ଷକ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଚେଷ୍ଟିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ଶିକ୍ଷା, ଶିକ୍ଷାନୁଷ୍ଠାନ, ବିଦ୍ୟାର୍ଥୀ ଓ ଅଭିଭାବକ ସୁସମନ୍ୱୟ ଉପରେ ଆଲୋକପାତ କରିଥିଲେ।ପୁରାତନ ଛାତ୍ର ସଂସଦ ସଭାପତି ଜଟାଧାରୀ ମିଶ୍ର ଏଥିରେ ସଭାପତିତ୍ୱ କରିବା ସହ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଅରବିନ୍ଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୁରାତନ ଶିକ୍ଷକ, ଶିକ୍ଷୟିତ୍ରୀ, ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ଓ ବର୍ତମାନର ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

# ମିଷ୍ଟର କର୍ଣ୍ଣାଟକ, ଦୁବାଇ ଆଇକନ କାଶୀପାଳ ଠାରେ ଷ୍ଟାଡିଅମ ନିର୍ମାଣ ପାଇଁ ଦେଲେ ପ୍ରତିଶୃତି

ର୍ଗତ କାଶିପାଳ ପଂଚାୟତ କାଶିପାଳ ଗ୍ରାମରେ ଖେଳ ପଡିଆ ଉନ୍ନତିକରଣ ସହିତ ଏକ ଅତ୍ୟାଧୁନିକ ଷ୍ଟାଡିୟମ୍ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବଳଭଦ୍ର ପୁର ଗ୍ରାମର ସୁନା ପୁଅ ସୁନାରାମ ପୂର୍ତି। ଏଥିପାଇଁ କାଶିପାଳ ଗ୍ରାମ ଠାରେ ସ୍ୱର୍ଣ୍ଣମୟୀ ଯୁବ ପରିଷଦ କାଶିପାଳ କ୍ଲବ୍ ର ସଭାପତି କ୍ଷିରୋଦ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ ସାଧାରଣ ସଭା ମାଧ୍ୟମରେ ଆଲୋଚନା ହୋଇ ଷ୍ଟାଡିୟମ୍ ପାଇଁ ସହମତି ହେବା ସହିତ ସୁନାରାମଙ୍କୁ କୃତଜ୍ଞତା ଜଣାଇଥିଲେ। ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା, କେନ୍ଦୁଝର ମାଟିର ପୁଅ ସୁନାରାମ ପୂର୍ତି। ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ଗ୍ରାମ ପଂଚାୟତର ବଳଭଦ୍ରପୁର ଗ୍ରାମର ରାମରାୟ ପୂର୍ତି ଓ ବିରାଙ୍ଗ ପୂର୍ତିଙ୍କ ସୁଯୋଗ୍ୟ ସନ୍ତାନ ସୁନାରାମ। କାଶିପାଳ ହାଇସ୍କୁଲରୁ ମାଟ୍ରିକ ପାସ କଲା ପରେ ନିଜ ପରିବାରର ଆର୍ଥିକ ସ୍ଥିତି ଖରାପ ଥିବାରୁ କର୍ମ ସନ୍ଧାନ ପାଇଁ କର୍ଣ୍ଣାଟକ ଚାଲିଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ୧୮୦୦ ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିଲେ। ଚାକିରି କରିବା ସହିତ ସେଠାରେ ଆୟୋଜିତ ହେଉଥିବା ଆଥଲେଟିକ ମିଟର ୧୦ କି.ମି , ୨୨ କି.ମି. ଓ ୩୦ କି.ମି. ଏବଂ ମୁମ୍ବାଇ ଠାରେ ଆୟୋଜିତ ୪୨ କି.ମି. ଦୌଡ଼ ବିଭାଗରେ ୨୦୦୯ ମସିହାରେ ଭାଗନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ନିଜ ଜୀବନର ଗତିପଥକୁ ବଦଳାଇ ଜଣେ ବଡି ବିଲଡର ହେବା ପାଇଁ ଇଚ୍ଛାପ୍ରକାଶ କରି ଜିମ୍ ଯିବା ଆରମ୍ଭ କରିଥିଲେ। କର୍ଣ୍ଣାଟକ ବଡି ବିଲଡରରେ ତିନି ତିନି ଥର ମିଷ୍ଟର୍ କର୍ଣ୍ଣାଟକ ଆୱାର୍ଡ଼ ହାସଲ କରିଛନ୍ତି। ତାଙ୍କର ଏହି ସଫଳତାକୁ ଦେଖି କର୍ଣ୍ଣାଟକ ବଡି ବିଲଡର ଆସୋସିଏସନ୍ ତାଙ୍କୁ ଆନ୍ତର୍ଜାତୀୟ ସ୍ତରରେ ମନୋନୀତ କରିଥିଲେ। ୨୦୨୦ ମସିହାରେ ଦୁବାଇ ଠାରେ ୨୦୨୦ ୱାର୍ଲ୍ଡ ନେଚୁରାଲ ବଡି ବିଲ୍ଡିଂ ଫେଡେରେସନ ଅନୁଷ୍ଠିତ ହୋଇଥିଲା। ସେଥିରେ ମିଷ୍ଟର ଦୁବାଇ ଆଇ କନ୍ ବିଜୟ ଲାଭ କରିଥିଲେ। ବର୍ତମାନ ସୁନାରାମ ଏକ କୋଟି ଟଙ୍କା ଋଣ କରି କର୍ଣ୍ଣାଟକ ଠାରେ ଦୁଇଟି ଜିମ ସେଣ୍ଟର୍ ସ୍ଥାପନ କରି ଚଳାଇ ଆସୁଛନ୍ତି। ଚମ୍ପୁଆ ବ୍ଲକ କାଶିପାଳ ପଂଚାୟତର କାଶିପାଳ ଖେଳ ପଡିଆ ଠାରେ ଦୀର୍ଘ ବର୍ଷ ଧରି ଫୁଟବଲ ଖେଳ ଅନୁଷ୍ଠିତ ହୋଇଆସୁଥିବାରୁ ଏହି ଖେଳ ପଡିଆକୁ ନିଜର ଦୁଇ କୋଟି ବ୍ୟୟରେ ଏକ ମିନି ଷ୍ଟାଡିୟମ ସ୍ଥାପନ କରିବା ସହିତ ଏକାଡେମୀ ଫ୍ରି କୋଚିଂ ସେଂଟର ଏବଂ ଏକ ଜିମ ସେଂଟର୍ ସ୍ଥାପନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କୁ ନେଇ ଏକ ସାଧାରଣ ସଭା ମାଧ୍ୟମରେ ତାଙ୍କର ଏହି ମହାନ କାର୍ଯ୍ୟକୁ ସହମତି ପ୍ରଦାନ କରିବା ସହିତ ସହିତ କାଶିପାଳ ସରପଂଚ ଜୟକୃଷ୍ଣ ନାଏକ, ସ୍ୱର୍ଣ୍ଣମୟୀ ଯୁବ ପରିଷଦର ସଭାପତି କ୍ଷିରୋଦ ଚନ୍ଦ୍ର ନାଏକ, ସମ୍ପାଦକ କିଶୋର ଚନ୍ଦ୍ର ନାଏକ ସଂଯୋଜକ ବିକି ଓ ସମସ୍ତ ସଦସ୍ୟ ମାନଙ୍କ ସହିତ ଅଂଚଳର ବୁଦ୍ଧିଜିବୀ ତଥା ସମସ୍ତ ପଂଚାୟତ ବାସୀ ସୁନାରାମଙ୍କୁ ଏତାଦୃଶ୍ୟ ଉଦ୍ୟମ ପାଇଁ ସାଧୁବାଦ୍ ଜଣାଇଛନ୍ତି।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Sunday March 05, 2023 ଭୁବନେଶ୍ୱର ରବିବାର, ମାର୍ଚ୍ଚ ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ ପୋର୍ଟ ଟ୍ରଷ୍ଟ ଅଫିସର୍ସ ପେନସନର ଆସୋସିଏସନ ର ସାଧାରଣ ବୈଠକ ଅନୁଷ୍ଠିତ



ପାରାଦୀପ,(ପି.ଏନ):ପାରାଦୀପ ପୋର୍ଟ ଟ୍ରଷ୍ଟ ଅଫିସର୍ସ ପେନସନର ଆସୋସିଏସନ ର ଏକ ସାଧାରଣ ବୈଠକ ଭୁବନେଶ୍ୱରର ସ୍କାଉଟ ଓ ଗାଇଡ଼ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଆସୋସିଏସନ ର ସଭାପତି କେଶବ ଚ଼ନ୍ଦ୍ର ଦାସ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସାଧାରଣ ସମ୍ପାଦକ ଶେଷଦେବ ସାହୁ ବନ୍ଦର ଅବସରପ୍ରାପ୍ତ କର୍ମଚ଼ାରୀଙ୍କ ପେନସନ ବ୍ୟତୀତ ପାଇବାକୁ ଥିବା ବକେୟା ଅର୍ଥ ଓ ସ୍ୱତନ୍ତ୍ର ଭତ୍ତା ଉପରେ ଆଲୋଚ଼ନା କରିଥିଲେ । ସେହିପରି ମୁଖ୍ୟ ଉପଦେଷ୍ଟା ଆର.ଏନ. ରାଉତରାୟ ପେନସନଭୋଗୀ ଙ୍କ ୨୦୧୭ ଠାରୁ ସ୍ୱତନ୍ତ୍ର ଭତ୍ତା ଓ ୨୦୧୨ ରୁ ୨୦୧୬ ପର୍ଯ୍ୟନ୍ତ ବକେୟା ଭତ୍ତା ମିଳିବା ନେଇ ଥିବା ସମସ୍ୟାର ସମାଧାନ ପରେ ଆସୋସିଏସନ ର ମୁଖ୍ୟ ସମସ୍ୟା ସମାପ୍ତ ହେବ ବୋଲି କହିଥିଲେ କ୍ଷ ଏହି ଅବସରରେ ସମ ହସ୍ପିଟାଲର ବରିଷ୍ଠ ପରାମର୍ଶଦାତା ଶରତ କୁମାର ସାହୁ ବୃଦ୍ଧାବସ୍ଥାରେ ସୁସ୍ଥ ରହିବାର ଉପାୟ ଉପରେ ସଚେତନ କରିବା ସହ ରକ୍ତଚ଼ାପ ଓ ମଧୁମେହ ନିୟନ୍ତ୍ରଣ ସମ୍ବନ୍ଧରେ ଆଲୋଚ଼ନା କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦରର ବରିଷ୍ଠ ଅବସରପ୍ରାପ୍ତ ଅଧିକାରୀ ପି.ପି.ଦାସ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପାରାଦୀପ ବନ୍ଦରର ପ୍ରାକ୍ତନ ସଚ଼ିବ ପ୍ରଭାତ ନନ୍ଦ ଙ୍କ ତତ୍ୱାବଧାନ ରେ ଆସୋସିଏସନ ର ନିର୍ବାଚ଼ନ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ଦିବାକର ମହାପାତ୍ର ଙ୍କୁ ସଭାପତି ରୂପେ ମନୋନୀତ କରାଯାଇଥିଲା କ୍ଷ ସେହିପରି ପୂର୍ବ ପଦାଧିକାରୀ ମାନେ ପୁନର୍ବାର ଆଗାମୀ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବା ପାଇଁ ସହମତି ପ୍ରକାଶ ପାଇଥିଲା । ଶେଷରେ କସ୍ତୁରୀ ଚ଼ରଣ ଦାଶ ଧନ୍ୟବାଦ ଅର୍ପଣ କରିବା ପରେ ବୈଠକ ସମାପ୍ତ ହୋଇଥିଲା ।

# ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଉଦଘାଟିତ

ପାରାଦୀପ,(ପି.ଏନ): ଶନିବାର ଦିନ ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ । ଏହି ସଚେତନତା ଶୋଭାଯାତ୍ରା ମଧିବନସ୍ଥିତ ପୋର୍ଟ ଅଫିସର୍ସ କ୍ଲବ୍ ନିକଟରୁ ବାହାରି ସହର ପରିକ୍ରମା କରି ୪ ନମ୍ବର ଗେଟ୍ ନିକଟରେ ପହଂଚିଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର କାର୍ଯ୍ୟ ନିର୍ବାହୀ ସିଏମଇ କ୍ୟାପଟେନ୍ ଏ.ସି.ସାହୁ, ଡେପୁଟି ସିଇଇ ଚନ୍ଦନ ପାଣିଗ୍ରାହୀ,ଡେପୁଟି ସିଏମଇ ଦୀପକ ରଥ,ବନ୍ଦର ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର କର, ଚେନ୍ନାଇ ରାଧା କମ୍ପାନୀର ଆଂଚଳିକ ପରିଚାଳକ ବି.ଆର.ରାମୁ, ଆଂଚଳିକ ପ୍ରବନ୍ଧକ ଏ ରମେଶ ପ୍ରମୁଖ ଯୋଗ ଦେଇଥିଲା । ସପ୍ତାହବ୍ୟାପି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା, ତାଲିମ୍ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ଏଲପିଜି ଦର ବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ




ଭୁବନେଶ୍ୱର,(ପି.ଏନ): କେନ୍ଦ୍ର ସରକାର ନିକଟରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ଟଙ୍କା ଏବଂ ବ୍ୟବସାୟୀକ ସିଲିଣ୍ଡର ପିଛା ୩୫୦ ଟଙ୍କା ଦରବୃଦ୍ଧି କରି ଗରିବ ପେଟକୁ ନାତ ମାରିଛନ୍ତି । ଏହି ଦରବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ମହିଳା କଂଗ୍ରେସ ଓ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟି ପକ୍ଷରୁ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଏବଂ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ଯୋଗଦେଇ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରି କହିଲେ ଉଜଳା ଯୋଜନାକୁ ଉଜୁଡ଼ା ଯୋଜନା ବୋଲି କହିଥିଲେ । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟି ସଭାପତି ଶ୍ରୀମତୀ ଗିତାଳି ମହାନ୍ତିଙ୍କ ନେତୃତ୍ୱରେ ମହିଳା ନେତୃବୃନ୍ଦ ମାନଙ୍କର ଏକ ଶୋଭାଯାତ୍ରା କଂଗ୍ରେସ ଭବନ ଠାରୁ ବାହାରି ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମୋଦି ସରକାରଙ୍କର ଗରିବ ମାରଣ ନୀତି ବିରୁଦ୍ଧରେ ନାରାବାଜି କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ବାରମ୍ବାର ଏଲପିଜିର ଦରବୃଦ୍ଧି ଫଳରେ ଉଭୟ ଗରିବ ପରିବାର ଓ ବ୍ୟବସାୟୀ ଗୋଷ୍ଠି ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି ବୋଲି ମହିଳାନେତ୍ରୀ ମାନେ ତୀବ୍ର ସମାଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଗୀତାଳି ମହାନ୍ତି, ପ୍ରତିମା ମଲ୍ଲିକ, ପ୍ରଣତି ମିଶ୍ର, କନକଲତା ମଲ୍ଲିକ, ପ୍ରଭାବତି ପଟ୍ଟନାୟକ, ଦିପ୍ତୀ ପ୍ରଧାନ, ଚୈତାଳୀ ପଟ୍ଟନାୟକ, ସିକ୍ତା ପଟ୍ଟନାୟକ, ଉର୍ବଶୀ ମିଶ୍ର, ଶ୍ରିୟା ମହାନ୍ତି, ଜୟଶ୍ରୀ ପାତ୍ର, ବୈଜୟନ୍ତୀ ତ୍ରିପାଠୀ, ପ୍ରତିମା ମହାନ୍ତି, ରିତା ବାରିକ, ନିର୍ମଳା ମଲ୍ଲିକ, ଜ୍ୟୋତିସ୍ମିତା ରାଉତ, ଅର୍ଣ୍ଣପୂର୍ଣ୍ଣା ତରାଇ, କବିତା ଦାସ ପ୍ରମୁଖ ଯୋଗଦେଇଥିଲେ ।

# ଓଡିଶା ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ଲେକ୍‌ଚରସ୍ ଆସୋସିଏସନ୍ ତରଫରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥିତ ଉତ୍କଳ ଦୃଷ୍ଟିହୀନ ସଂଘ ସମ୍ମିଳନୀ କକ୍ଷରେ ଓଡିଶା ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ଲେକ୍‌ଚରସ୍ ଆସୋସିଏସନ୍ (ଓଏସ୍ଏସ୍‌ବିଏଲ୍ଏ) ତରଫରୁ ଆଜି ସକାଳେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ଅନେକ ଓଏସ୍ଏସ୍‌ବିଏଲ୍‌ଏର ଅଧ୍ୟାପକ/ ଅଧ୍ୟାପିକାମାନେ କ୍ଷୋଭର ସହ ମତ ରଖିଥିଲେ ଯେ, ସେମାନଙ୍କୁ କଲେଜରେ ନିଯୁକ୍ତି ମିଳିଛି ଏବଂ ସେମାନଙ୍କୁ ଅଧ୍ୟାପକ ବୋଲି ମଧ୍ୟ କୁହାଯାଉଛି , କିନ୍ତୁ ପରିତାପର ବିଷୟ ଏହି କି ଯେ, ସେମାନଙ୍କୁ ନ୍ତଅଧ୍ୟାପକନ୍ତର ମାନ୍ୟତା ଏପର୍ଯ୍ୟନ୍ତ ମିଳିନାହିଁ । ରାଜ୍ୟ ଏସ୍ଏସ୍‌ବି ଅଧ୍ୟାପକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ଏହି ଆଲୋଚନାଚକ୍ରରେ ସଂଘର ସମ୍ପାଦକ ଡ.ଲମ୍ବୋଦର ରାଉତ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ସ୍ନାତକ ଏବଂ ସ୍ନାତକୋତର ଛାତ୍ରଛାତ୍ରୀମାନଙ୍କୁ ପଢାଇବାପାଇଁ ସେମାନଙ୍କୁ ଅଧ୍ୟାପକଭାବେ ନିଯୁକ୍ତି ମିଳିଛି । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବୈଧାନିକ ସଂସ୍ଥା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍ଏସ୍‌ବି) ଦ୍ୱାରା ଏକ କଠିନ ନିଯୁକ୍ତି ପ୍ରକ୍ରିୟା ଦ୍ୱାରା ୨୦୧୬ରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆଯାଉଛି । ଏହି ଅଧ୍ୟାପକମାନେ ରାଜ୍ୟର ପ୍ରାୟ ୮୦% ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ମାତ୍ର ଦୁଃଖର ବିଷୟ ଏହି କି ଯେ, ସେମାନଙ୍କୁ ଏପର୍ଯ୍ୟନ୍ତ ନ୍ତଅଧ୍ୟାପକନ୍ତର ମାନ୍ୟତା ମିଳିନାହିଁ । ସେମାନଙ୍କୁ ଡିଗ୍ରୀ କଲେଜରେ ପାଠ ପଢାଇବା ହାରର ଦରମା ବଦଳରେ ଉଚ୍ଚ ମାଧ୍ୟମିକ ସ୍କୁଲର ପିଜିଟି ଶିକ୍ଷକଙ୍କ ହାରରେ ୪୬୦୦ପେସ୍କେଲ ଅନୁସାରେ ଦରମା ମିଳୁଛି । ଏପରିକି ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତ ପିଜିଟି ଶିକ୍ଷକଙ୍କୁ ୪୮୦୦ ପେସ୍କେଲରେ ଦରମାଠାରୁ ବି ସେମାନେ କମ୍ ଦରମା ପାଉଛନ୍ତି । ସେହିପରି ଓପିଏସ୍‌ସି ଦ୍ୱାରା ସରକାରୀ ମହାବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ପ୍ରାରମ୍ଭରୁ ୟୁଜିସି ପେସ୍କେଲ୬୦୦୦ରେ ଦରମା ମିଳୁଛି । ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଅଧ୍ୟାପକ ଓ କର୍ମଚାରୀମାନଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ୧୯୭୪ଆଇନ୍‌ର ଧାରା ୯ରେ ଅନୁଦାନପ୍ରାପ୍ତ କଲେଜରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଅଧ୍ୟାପକମାନଙ୍କୁ ସରକାରୀ ଅଧ୍ୟାପକମାନଙ୍କ ଭଳି ସମାନ ଦରମା ପ୍ରଦାନ କରାଯିବ ବୋଲି ଉଲ୍ଲେଖ ଅଛି । ମାତ୍ର ଏହାର ବ୍ୟତିକ୍ରମ କରାଯାଇ ଏସ୍ଏସ୍‌ବି ଦ୍ୱାରା ପୂର୍ଣ୍ଣ ଅନୁଦାନ ଅଧ୍ୟାପକ ଭାବେ ନିଯୁକ୍ତଙ୍କୁ ଅଧ୍ୟାପକନ୍ତର ମର୍ଯ୍ୟାଦା କିମ୍ବା ମାନ୍ୟତା ଦିଆଯାଉନାହିଁ । ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପ୍ରୟାସ କରୁଥିବାବେଳେ ଏସ୍ଏସ୍‌ବି ଅଧ୍ୟାପକମାନଙ୍କ ପ୍ରତି ଏ ଅବିଚାର ସେମାନଙ୍କୁ ଏକ ପ୍ରକାର ହତୋତ୍ସାହିତ କରିଦେଇଛି । ଏଠାରେ ପ୍ରକାଶଯୋଗ୍ୟ ଯେ, ସରକାର ୧୯୮୯ରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ନିଯୁକ୍ତ ଅଧ୍ୟାପକ/ ଅଧ୍ୟାପିକାମାନଙ୍କୁ ୟୁଜିସି ପେସ୍କେଲ ପ୍ରଦାନ କରୁନାହାଁନ୍ତି । ଫଳରେ ଏସ୍ଏସ୍‌ବି ଅଧ୍ୟାପକମାନଙ୍କ ପେସ୍କେଲକୁ ନେଇ ବିବାଦ ଦେଖା ଦେଇଛି । ତେବେ ଡିଗ୍ରୀ କଲେଜରେ ପାଠ ପଢାଇବା ପାଇଁ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିବାରୁ ସେମାନଙ୍କୁ ଚାକିରୀର ପ୍ରାରମ୍ଭରୁ ଏକ ଅଧ୍ୟାପକ ପରି ନ୍ତକନ୍ତ ବର୍ଗରେ ଅନ୍ତର୍ଭୁକ୍ତ କରିବାକୁ ଏସ୍ଏସ୍‌ବି ଅଧ୍ୟାପକ/ ଅଧ୍ୟାପିକାମାନେ ସରକାରଙ୍କ ନିକଟରେ ଏହି ଆଲୋଚନା ଚକ୍ର ମାଧ୍ୟମରେ ନିବେଦନ କରିଛନ୍ତି । ଫଳରେ ଏସ୍ଏସ୍‌ବି ଅଧ୍ୟାପକ/ ଅଧ୍ୟାପିକାମାନଙ୍କ ପ୍ରାରମ୍ଭିକ ପେସ୍କେଲକୁ ୪୬୦୦ ପରିବର୍ତ୍ତେ ୫୪୦୦ରୁ ଆରମ୍ଭ କରିବାକୁ ସେମାନେ ଦାବି କରିଛନ୍ତି । ସରକାର ଏସବୁ ବିଚାରକୁ ନେଇ ସେମାନଙ୍କ ଦାବିକୁ ଯଥାଶୀଘ୍ର ପୂରଣ ନ କଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଏସ୍ଏସ୍‌ବି ଅଧ୍ୟାପକ ସଂଘର ସଭାପତି ସରୋଜକାନ୍ତ ନାୟକ ଏହି ଆଲୋଚନାଚକ୍ର ମାଧ୍ୟମରେ କହିଛନ୍ତି ।

# ଟ୍ରକ୍ ମାଲିକ ପୋଲିସ୍ ବିବାଦ-ପୋଲିସ୍‌ର ଅନ୍ୟାୟ ବିରୁଦ୍ଧରେ ଥାନା ଆଗରେ ଧାରଣା




ପାରାଦୀପ(ପି.ଏନ): ଶନିବାର ଦିନ ପାରାଦୀପ ଟ୍ରକ୍ ମାଲିକ ସଂଘର ଉପସଭାପତି ଓ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଅନ୍ୟାୟ ଗିରଫ ପ୍ରତିବାଦରେ ଶତାଧିକ ସଦସ୍ୟ ପାରାଦୀପ ଲକ୍ ଥାନା ଆଗରେ ଧାରଣା ଦେଇଥିଲେ । ଘଟଣାରୁ ପ୍ରକାଶଯେ,ଶୁକ୍ରବାର ବିଳମ୍ବିତ ରାତିରେ ପାରାଦୀପ ଟ୍ରକ୍ ମାଲିକ ସଂଘର ଉପସଭାପତି ପ୍ରଦୀପ ଗାହାଣ ଓ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ପ୍ରତିହାରୀ ସଂଘର କାର୍ଯ୍ୟ ଶେଷ କରି ଘରକୁ ଫେରୁଥିଲେ । ପାରଦୀପ ଲକ୍ ଥାନା ନିକଟରେ ଟ୍ରକ୍ କରିଡରରେ ଆଇରନ୍ ବୋଝେଇ ଟ୍ରକ୍ ଗୁଡିକ ଧାଡି ବାନ୍ଧି ଠିଆ ହୋଇଥିବା ବେଳେ ପାରାଦୀପ ଲକ୍ ଥାନାର ଜନୈକ ପୋଲିସ୍ ଅଧିକାରୀ ଧାଡି ଭାଙ୍ଗି ଆସିଥିବା ଟ୍ରକ୍ ଗୁଡିକୁ ପାରାଦୀପ ଆଡକୁ ଛାଡୁଥିବା ଦେଖିବାକୁ ପାଇଥିଲେ । ଏସମ୍ପର୍କରେ ସଂପୃକ୍ତ ପୋଲିସ୍ ଅଧିକାରୀଙ୍କୁ ପଚାରିବାରୁ ସେଠାରେ ପାରାଦୀପ ଟ୍ରକ୍ ମାଲିକ ସଂଘର ଦୁଇ କର୍ମକ□ୀ ସହ ଉଚ୍ଚବାଚ୍ଚ ହୋଇଥିଲା । ପୋଲିସ୍ ଏହି ଦୁଇ କର୍ମକ□ୀଙ୍କୁ ଥାନାକୁ ନେଇ ଅଟକ ରଖିଥିଲା । ଖବର ପାଇ ଟ୍ରକ୍ ମାଲିକମାନେ ପାରାଦୀପ ଲକ୍ ଥାନାରେ ପହଂଚିଥିଲେ । ଶନିବାର ସକାଳେ ଘଟଣାର ସମାଧାନ କରାଯିବ ବୋଲି ପୋଲିସ୍ କହିଥିଲା । ହେଲେ ଶନିବାର ସକାଳେ ପୋଲିସ୍ ଏହି ଦୁଇ କର୍ମକ□ୀଙ୍କୁ କୋର୍ଟ ଚାଲଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ଟ୍ରକ୍ ମାଲିକ ସଂଘର ସଦସ୍ୟ ଓ ଅନ୍ୟ କର୍ମକ□ୀମାନେ ଜାଣିବାକୁ ପାଇଥିଲେ । ଏହା ପରେ ଶହ ଶହ ସଂଖ୍ୟାରେ ଏକଜୁଟ୍ ହୋଇ ଥାନା ଆଗରେ ଧାରଣା ଦେଇଥିଲେ । ଗିରଫ ଦୁଇ ଜଣଙ୍କୁ କୋର୍ଟ ଚାଲଣ କରିବା ପାଇଁ ପୋଲିସ୍ ଗାଡିରେ ବସେଇ ନେବାକୁ ଉଦ୍ୟମ କରିବା ବେଳେ ଟ୍ରକ୍ ମାଲିକମାନେ ଛାଡି ନଥିଲେ । ପୋଲିସ୍ ସହ ଟ୍ରକ୍ ମାଲିକମାନଙ୍କର ଦୀର୍ଘ ସମୟ ଧରି କଥାକଟି ଚାଲିଥିଲା । ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ଲକ୍ ଥାନାରେ ପହଂଚି ଟ୍ରକ୍ ମାଲିକମାନଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ପୋଲିସ୍ ବଳ ପ୍ରୟୋଗ କରି ଦୁଇ ଟ୍ରକ୍ ମାଲିକଙ୍କୁ କୋର୍ଟକୁ ନେବାରେ ସଫଳ ହୋଇଥିଲା । ଘଟଣା ସମ୍ପର୍କରେ ପୋଲିସ୍ ଉପରେ ଏହି ଦୁଇ କର୍ମକ□ୀ ଆକ୍ରମଣ କରିଥିବା ପୋଲିସ୍ କହିଥିବା ବେଳେ ଟ୍ରକ୍ ମାଲିକମାନେ ଦୀର୍ଘ ଦିନ ଧରି ବ୍ୟବସାୟିକ କ୍ଷତିରେ ଚାଲୁଥିବା ବେଳେ ଶହ ଶହ ଟ୍ରକ୍ ମାଲିକ ଟ୍ରକ୍ ଚଳାଚଳ ବନ୍ଦ ଯୋଗୁଁ ଫାଇନାନ୍ସ କମ୍ପାନୀ ବହୁ ଟ୍ରକ୍ ନିଜ ଦଖଲକୁ ନେଇଯାଇଥିଲେ । ଏବେ ଟ୍ରକ୍ ଚଳାଚଳ ସ୍ୱାଭାବିକ ହେବା ବେଳେ ପୋଲିସ୍ ନିଜେ ବେନିୟମ୍ ଭାବେ ଧାଡି ଭାଙ୍ଗି ଆସିଥିବା ଟ୍ରକ୍ ଗୁଡିକୁ ଛାଡୁଛି । ଧାଡିରେ ଆସିଥିବା ଟ୍ରକ୍ ଗୁଡିକ ଦିନ ଦିନ ଧରି ଧାଡିରେ ପଡି ରହୁଛନ୍ତି । ଏହି ଘଟଣାର ପ୍ରତିବାଦ କରିବାରୁ ସଂଘର ଦୁଇ କର୍ମକ□ୀଙ୍କୁ ପାରାଦୀପ ଲକ୍ ଥାନା ପୋଲିସ୍ ବେନିୟମ ଭାବେ ଗିରଫ କରିଛି ବୋଲି ସଂଘର ସଭାପତି ସୁମନ୍ତ କୁମାର ବିଶ୍ୱାଳ ଓ ଅନ୍ୟ ସଦସ୍ୟ,କର୍ମକ□ୀମାନେ ଅଭିଯୋଗ କରିଛନ୍ତି । ଦଲାଲ ମାନଙ୍କୁ ଛାଡି ପୋଲିସ୍ ପାରାଦୀପ ଟ୍ରକ୍ ମାଲିକ ସଂଘର କର୍ମକ□ୀମାନଙ୍କୁ ଲକ୍ ଥାନା ପୋଲିସ୍ ଗିରଫ କରିବା ଘଟଣାକୁ ଟ୍ରକ୍ ମାଲିକମାନେ ଦୃଢ ଭାବେ ନିନ୍ଦା କରିଛନ୍ତି

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray